ନିତିଦିନ NITIDIN

## ୮ ପଞ୍ଚାୟତର ବିଜେପି ସଭାପତିଙ୍କ ନାମ ଘୋଷଣା

**ଫୁଲନଖରା,୮ା୫/ଏନ୍ଏନ୍ଏସ୍:** ବିଜେପି ଜିଲା ସଭାପତି ଓ ରାଜ୍ୟ ସଭାପତିଙ୍କ ଅନୁମୋଦନକ୍ରମେ ବାରଙ୍ଗ ବ୍ଲକ ଗବବସ୍ତ ମଣ୍ଡଳ ଅନ୍ତର୍ଗତ ୮ଟି ପଞ୍ଚାୟତର ସଭାପତିଙ୍କ ନାମ ଘୋଷଣା ହୋଇଛି। ପ୍ରଶାନ୍ତ କୁମାର ଦାଶ ନଗରୀ ପଞ୍ଚାୟତର ବିଜେପି ସଭାପତିଭାବେ ମନୋନୀତ ହୋଇଥିଲାବେଳେ ଜନାର୍ଦନ ପାତ୍ର କୁରାଙ୍ଗଶାସନ, ଅମୀୟକୁମାର ସ୍ୱାଇଁ କୁରାଙ୍ଗପ୍ରଧାନ, ବାବନ ଭୋଇ ସାଇଁଶୋ, ସୁକୁମାର ନାୟକ ଖଲର୍ଦ୍ଦା, ଜିତେନ୍ଦ୍ର ସ୍ୱାଇଁ ହରିଅନ୍ତା, ପ୍ରଦୀପ୍ତ ସ୍ୱାଇଁ କୋରକରା ଓ ପ୍ରମୋଦ ବୈଠାଲ୍ ଉଖୁମା ପଞ୍ଚାୟତର ବିଜେପି ସଭାପତିଭାବେ ମନୋନୀତ ହୋଇଛନ୍ତି। ମଣ୍ଡଳ ସଭାପତି ଅଶ୍ୱିନୀ କାଣ୍ଡିଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ସମସ୍ତ ନୂତନ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଜେଏମ୍ଏଫ୍ସି କୋର୍ଟର ସ୍ଥାୟୀ ଗୃହ ପ୍ରତିଷ୍ଠା ଦାବି ଜୋର୍ ଧରିଲା

**ମାହାଙ୍ଗା,୮ା୫/ଏନ୍ଏନ୍ଏସ୍:** ପୂର୍ବ ସରକାରଙ୍କ ସମୟରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ମାହାଙ୍ଗା ବ୍ଲକ ଓ ନିଶ୍ଚିନ୍ତକୋଇଲି ବ୍ଲକରେ ନୂତନ ଭାବେ ଜେ.ଏମ୍.ଏଫ୍.ସି କୋର୍ଟ ପ୍ରତିଷ୍ଠା କରାଯାଇଥିଲା। ତେବେ ମାହାଙ୍ଗା ବ୍ଲକରେ ସ୍ଥାନ ନିରୂପଣ ବିଳମ୍ବ ହେତୁ କୁଆଁପାଳ ସ୍ଥିତ ଶ୍ରୀକୃଷ୍ଣପୁର ପଞ୍ଚାୟତ ରାଜୀବ ସେବା କେନ୍ଦ୍ର ଗୃହରେ ଏହି ଅଦାଲତର ଅସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ କରାଯାଇ କାର୍ଯ୍ୟ କରାଯାଉଛି। ଅଦ୍ୟାବଧି କୋର୍ଟ ଗୃହ ନିର୍ମାଣ ନିମନ୍ତେ ମାହାଙ୍ଗା ପ୍ରଶାସନ ସ୍ଥାନ ଯୋଗାଇ ଦେଇ ନ ଥିବାରୁ ନୂତନ କାର୍ଯ୍ୟାଳୟ ଗୃହ ସ୍ଥାପନ କରାଯାଇପାରିନାହିଁ। ଏହି କୋର୍ଟର ନୂତନ ଗୃହ ନିର୍ମାଣ ନିମନ୍ତେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପଛପଟରେ ଥିବା ସରକାରୀ ଜମି, କୋଠପଦା ରଘୁନାଥଜିଉ ମଠ ଜମି ଏବଂ ବିନୋଦ ବିହାରୀ ଠାକୁରଙ୍କ ଜମି ସହିତ କିଛି ଘରୋଇ ଜମି ଚିହ୍ନଟ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଗମନାଗମନ ସୁବିଧା ହେତୁ କୁହୁଣ୍ଡା ପଂଚାୟତ କୋଠପଦା ରଘୁନାଥଜିଉ ମଠ ଜମିରେ ଏହି କୋର୍ଟ ଗୃହ ନିର୍ମାଣ ନିମନ୍ତେ କଟକ ଜିଲ୍ଲା ଜଜ,ଜିଲ୍ଲା ରେଜିଷ୍ଟ୍ରାର ଓ ସାଲେପୁର ବାର୍ ଆସୋସିଏସନ୍ କର୍ମକର୍ତ୍ତା ଏହି ସ୍ଥାନ



ପରିଦର୍ଶନ କରି ସ୍ଥାନ ନିରୂପଣ ନିମନ୍ତେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ତେବେ ଏହି ସ୍ଥାନକୁ ଅଣଦେଖା କରି ମାହାଙ୍ଗା ବିନୋଦ ବିହାରୀ ଠାକୁରଙ୍କ ଜମିରେ ସ୍ଥାନ ନିରୂପଣ ପାଇଁ ମାହାଙ୍ଗା ତହସିଲ ପ୍ରଶାସନ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି। ପରନ୍ତୁ ବିନୋଦ ବିହାରୀ ଠାକୁରଙ୍କ ଯେଉଁ ସ୍ଥାନରେ କୋର୍ଟ ଗୃହ ନିର୍ମାଣ ପାଇଁ ଅବଗତ କରାଯାଇଛି ତାହା ଖାଲୁଆ ଅଞ୍ଚଳ ହୋଇଥିବାରୁ କୋର୍ଟ ଗୃହ ନିର୍ମାଣ ନିମନ୍ତେ ପ୍ରଚୁର ପରିମାଣର ଅର୍ଥ ଆବଶ୍ୟକ ରହିଛି। ଅପର ପକ୍ଷରେ କୋଠପଦା ରଘୁନାଥଜିଉ ମଠ ଜମିରେ କୋର୍ଟ ଗୃହ ନିର୍ମାଣ ନିମନ୍ତେ ସବୁ ସ୍ତରରେ ସମ୍ମତି ପ୍ରକାଶ ପାଇବା ସହ ଏହା କୁଆଁପାଳ ଅସ୍ଥାୟୀ କୋର୍ଟ କାର୍ଯ୍ୟାଳୟ ଠାରୁ ମାତ୍ର ୨ କିମି ଦୂରତା ହୋଇଥିବାରୁ ଏହା ସବୁ କ୍ଷେତ୍ରରେ ଜନସାଧାରଣଙ୍କୁ ସହାୟକ ହେବ ବୋଲି କୁହୁଣ୍ଡା ସରପଞ୍ଚ ଓ ଅଞ୍ଚଳବାସୀ ଦାବି କରିବା ସହ ରାଜ୍ୟପାଳଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ତେବେ ଗଙ୍ଗପୁରା ମୌଜାର କିଛି ଘରୋଇ ମାଲିକାନାରେ ଥିବା ଜମି ସହିତ ରଘୁନାଥନଗର ମୌଜାର ବିନୋଦ ବିହାରୀ ରାୟ ଠାକୁରଙ୍କ ଜମିକୁ ଦର୍ଶାଇ ସେଠାରେ କୋର୍ଟ ଗୃହ ନିର୍ମାଣ ନିମନ୍ତେ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଏହି ରିପୋର୍ଟ ଆଧାରରେ ସେଠାରେ ଜିଲ୍ଲା ଜଜଙ୍କ ପକ୍ଷରୁ ପୁର୍ନବାର ବିନୋଦ ବିହାରୀଙ୍କ ଜମି ସରଜମିନ୍ ପାଇଁ ଏକ ଟିମ ଆସୁଥିବା ଜଣାଯାଇଛି। ଅନ୍ୟପକ୍ଷରେ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଥିବା କୁହୁଣ୍ଡା ପଞ୍ଚାୟତ ପକ୍ଷରୁ ଉପଯୁକ୍ତ ଭିତ୍ତିଭୂମି ଥିବା ଏବଂ ଜିଲ୍ଲା ପ୍ରଶାସନର ଅନୁମୋଦନ ହୋଇଥିବା କୋଠପଦା ରଘୁନାଥଜିଉ ମଠ ଜମିରେ ଏହି କୋର୍ଟ ଗୃହ ନିର୍ମାଣ ନହେଲେ ଆସନ୍ତା ଦିନରେ ଅଞ୍ଚଳବାସୀଙ୍କ ପକ୍ଷରୁ ଜନସ୍ୱାର୍ଥ ମାମଲା କରିବା ପାଇଁ ଦ୍ୱିପାଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ତହସିଲଦାର ସୁଭାଶିଷ ପାଲଟାଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ବୀଣାପାଣି ଷ୍ଟଡି ସର୍କଲ ପକ୍ଷରୁ ଗୁରୁ ପବିତ୍ର ମୋହନ ଶିକ୍ଷା ସମ୍ମାନ

**ବୟାଳିଶମୌଜା,୮ା୫/ଏନ୍ଏନ୍ଏସ୍:** ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ବୀଣାପାଣି ଷ୍ଟଡି ସର୍କଲ' କୂଳସରିଚୁଆଁ, ୪୨ ମୌଜା ଚଳିତ ବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ବା ମାଟ୍ରିକ ଫଳାଫଳ ଶତ ପ୍ରତିଶତ ସଫଳତା ହାସଲ କରିଛି। ଷ୍ଟଡି ସର୍କଲର ୫୧ ଜଣ ବିଦ୍ୟାର୍ଥୀ ଶିକ୍ଷାଲାଭ କରୁଥିବା ବେଳେ ସମସ୍ତେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାନୁଷ୍ଠାନର ନାମକୁ ଅଗ୍ରସର କରାଇଛନ୍ତି। ସଫଳ ବିଦ୍ୟାର୍ଥୀ ବର୍ଗ ହେଲେ ପ୍ରତ୍ୟୁଷ ଜେନା ମୋଟ ୬୦୦ମାର୍କରୁ ୫୫୪ ନମ୍ବର ରଖି ଏ-୧ ଗ୍ରେଡ୍ ରଖି ବାରଙ୍ଗ ବ୍ଲକ ଟପ୍ପର, ସମୃଦ୍ଧି ମହାପାତ୍ର ଏ-୧ ଗ୍ରେଡ଼ ରଖି ୪୨ମୌଜାସ୍ତରୀୟ ତୃତୀୟ ଟପ୍ପର, ଧୃତିଦୀପ ମହାନ୍ତି ଏ-୧ ଗ୍ରେଡ଼, ଏ-୨ ଗ୍ରେଡରେ ପ୍ରଜ୍ଞାପ୍ରିୟଦର୍ଶିନୀ ମୂଳିଆ, ଆଶୁତୋଷ ସାସମଲ, ସ୍ମୃତି ରଞ୍ଜନ ଦଳେଇ, ସାଇସ୍ମୃତି ରାଉଳ, ଇନ୍ଦିରା ପ୍ରିୟଦର୍ଶିନୀ ରାଉତ୍ରା, ପ୍ରୀତିପ୍ରିୟା ଭୋଇ, ବି-୧ ଗ୍ରେଡରେ କ୍ରିଷ୍ଣା ସାହୁ, ସାନଭି ଶ୍ରୀୟା ନାୟକ, ସ୍ୱାଭିମାନ ମହାପାତ୍ର, ସିପ୍ରା ବାରିକ,ଅମୀୟ ମୂଳିଆ, ବି-୨ ଗ୍ରେଡ଼ରେ ୨୦ ଜଣ, ଶତକଡ଼ା ୫୦ ରୁ ଉର୍ଦ୍ଧ ନମ୍ବରରେ ୧୪ ଜଣ, ଶତକଡ଼ା ୪୦ରୁ ଉର୍ଦ୍ଧ ନମ୍ବରରେ ୩ଜଣ ଉତ୍ତୀର୍ଣ୍ଣ ହୋଇଥିବା ନେଇ ଅଧକ୍ଷ ଯୁବ ସମାଜସେବୀ ତଥା ଶିକ୍ଷାବିତ୍ ସତ୍ୟଜିତ ପ୍ରଧାନ ପ୍ରକାଶ କରିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଏହି ମହତ ଅନନ୍ୟ ଶିକ୍ଷା ନିକେତନର ଦିବଙ୍ଗତ ଗୁରୁ ତଥା ଆଦର୍ଶ ଶିକ୍ଷକ କଳାକାର ପବିତ୍ର ମୋହନ ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠା ଲାଭ କରି ଦୀର୍ଘ ପାଞ୍ଚ ଦଶନ୍ଧି ହେବ ଶିକ୍ଷାଦାନ ସେବାରେ ସମର୍ପିତ।

## ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା



**ଓଡ଼ଗାଁ,୮ା୫/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ଅନ୍ତର୍ଗତ ଭଗବତୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୋମଣ୍ଡ କ୍ଲଷ୍ଟର ତରଫରୁ ଦୁଇ ଦିନିଆ କ୍ଲଷ୍ଟରସ୍ତରୀୟ ଶିକ୍ଷଣସାମଗ୍ରୀ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଲଳିତ ମୋହନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଳାର ପ୍ରଥମ ଦିବସରେ କ୍ଲଷ୍ଟର ଅଧୀନରେ ଥିବା ୧୧ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଗଣ ଡ୍ରଇଂସିଟ, ସୋଲ, ରଙ୍ଗୀନ କାଗଜ, କାର୍ଡବୋର୍ଡ, ଅଠା, ଦିଆସିଲି ଖୋଳ, କାଠି ଆଦି ଦ୍ୱାରା, ଶ୍ରେଣୀଭିତ୍ତିକ, ଦକ୍ଷତାଭିତ୍ତିକ ଓ ବିଷୟଭିତ୍ତିକ ସ୍ୱଳ୍ପମୂଲ୍ୟ ଓ ବିନାମୂଲ୍ୟର ବିଭିନ୍ନ ଆକର୍ଷଣୀୟ ଶିକ୍ଷଣସାମଗ୍ରୀ ପ୍ରସ୍ତୁତ କରିଥିଲେ। ଦ୍ୱିତୀୟ ଦିବସରେ ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀ ଏକାଧିକ ଶିକ୍ଷଣସାମଗ୍ରୀ ପ୍ରସ୍ତୁତିସହ ପ୍ରଦର୍ଶନ କରିଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଓଡଗାଁ ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ରଘୁନାଥ ମଲ୍ଲିକ ଓ ରୁକା ନାୟକ ଯୋଗଦେଇ ଶିକ୍ଷଣ ସାମଗ୍ରୀ ଗୁଡିକୁ ପରିଦର୍ଶନ କରିଥିଲେ। ନିମନ୍ତ୍ରିତ ଅତିଥିଭାବେ ପୂର୍ବତନ ସାଧନ କେନ୍ଦ୍ର ସଂଯୋଜକ ରଞ୍ଜନ କୁମାର ଦାଶଙ୍କ, ହଟ୍ଟନାଥ ପ୍ରଧାନ, ବିଭୁତି ଭୂଷଣ ଘଡେଇ, ଯଶୋବନ୍ତ ପଟ୍ଟନାୟକ ଏବଂ ଉମାକାନ୍ତ ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ବୁଦ୍ଧିଆ ପାତ୍ର, ସୁଚିତ୍ରା ପ୍ରଧାନ, ତ୍ରିଲୋଚନ ମହାକୁଡ଼ ଓ ଜ୍ଞାନଲକ୍ଷ୍ମୀ ସେଠୀ ସହଯୋଗ କରିଥିଲେ।

## ସାଇ ଆଶ୍ରିତଙ୍କ ବିୟୋଗରେ ଶୋକ



**ଚିଲିକ,୮ା୫/ଏନ୍ଏନ୍ଏସ୍:** ଭଗବାନ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଆଶ୍ରିତ ରାଜକିଶୋର ମହାପାତ୍ରଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ ପାଇଛି। ଆଜି ନିଜ ଜନ୍ମ ସ୍ଥାନ ରଣପୁରସ୍ଥ ବାସଭବନ ଠାରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ସମୟକୁ ତାଙ୍କୁ ୭୭ବର୍ଷ ବୟସ ହୋଇଥିଲା। ସେ ଅଳ୍ପ ଦିନ ହେବ ଶଯ୍ୟାଶାୟୀ ଥିଲେ। ସାଇ ସଂଗଠନରେ ସେ ସମସ୍ତଙ୍କର ପ୍ରିୟ ରାଜ ଭାଇ ଭାବେ ପରିଚିତ ଓ ଜଣେ ଭଦ୍ର, ଅମାୟିକ, ସ୍ନେହିଁ, ବନ୍ଧୁବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ସେ ଭଗବାନ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଆଶ୍ରିତ ଥିବା ଯୋଗୁଁ ଅଖଣ୍ଡ ପୁରୀ ଜିଲ୍ଲା ସାଇ ସଂଗଠନର ଯେ କୌଣସି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ ଜଣେ ଅଗ୍ରଗାମୀ ସାଇ ଭଜନ ଗାୟକ ଭାବେ ସମସ୍ତଙ୍କ ପାଖରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଖୋର୍ଦ୍ଧା ଜିଲ୍ଲା ସାଇ ସଂଗଠନର ସଭାପତି ବ୍ରଜସୁନ୍ଦର ମିଶ୍ର, ଜିଲ୍ଲା ସେବାଦଳ ସଂଗଠକ ରାଜକିଶୋର ଭୋପା ଓ ବାଣପୁର ସମିତି ଆବାହକ ବିଭୂତି ଭୂଷଣ ଘଡେଇ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଗାଁ ମାଟିରେ କୁଳପତିଙ୍କୁ ସମ୍ବର୍ଦ୍ଧନା

**କୁଆଁପାଳ,୮ା୫/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅର୍ନ୍ତଗତ ରାମ୍‌କାପୁର ଠାରେ ମା' ରାଧାଦେବୀଦନ୍ୟାସ ପରିସରରେ ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ଡ. ମହେନ୍ଦ୍ର କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡ. ମହାନ୍ତି କୁଳପତି ଭାବେ ନିଯୁକ୍ତ ପାଇଥିବାରୁ ମାହାଙ୍ଗା ଅଞ୍ଚଳରେ ତାଙ୍କୁ ବିପୁଳ ସ୍ୱାଗତ କରାଯାଇଛି। ଆଡଭୋକେଟ୍ ସତ୍ୟନାରାୟଣ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବର୍ଷିୟାନ ସମାଜସେବୀ ପ୍ରଫେସର ଦେବୀପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ମହାନ୍ତିଙ୍କୁ ଏକ ବୃକ୍ଷ ଉପହାର ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର ଡ. ବିଶ୍ୱରଂଜନ ମହାନ୍ତି, ପୂର୍ବତନ ପ୍ରଶାସକ ତଥା ଗାନ୍ଧୀବାଦର ପ୍ରବକ୍ତା ଜୟନ୍ତ କୁମାର ଦାସ, ପଶୁପାଳନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସତ୍ୟରଂଜନ ରାଉତ, ଦୁର୍ନୀତି ନିର୍ବାରଣ ବିଭାଗର ଅତିରିକ୍ତ ଅଧିଭକ୍ତା ଜ୍ୟୋତି ପ୍ରକାଶ ମହାପାତ୍ର, ଯୁବଭେଷଜ ବିଶେଷଜ୍ଞ ଡାକ୍ତର ଅଭିନାଶ କର, ମହେନ୍ଦ୍ର ଦାସ, ପ୍ରଫେସର ଡ. ବିବଶନ ମିଶ୍ର, ଶିକ୍ଷାବିତ୍ ଅରୁଣ ବାରିକ, ଅଧ୍ୟାପକ ପ୍ରଦିପ୍ତ ମହାନ୍ତି, ସାମ୍ବାଦିକ ତାପସ ବିଶ୍ୱାଳ, ଅଟଳସେନାର ସଭାପତି ଦିବାକର ପ୍ରଧାନ, ଅଧ୍ୟାପକ ବୀରବର ଖଟୁଆ, ଗିରିଶ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଫେସର ଡ. ମହେନ୍ଦ୍ର ମହାନ୍ତିଙ୍କ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଅର୍ଜନ କରିଥିବା ଭୂମିକାର ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭାରତଭୂଷଣ ପଟ୍ଟନାୟକ, ଗୋବିନ୍ଦ ମହାନ୍ତି, କମଳାକାନ୍ତ ଓଝା, କୈଳାସ ସ୍ୱାଇଁ, ପ୍ରତାପ ରାଉତ, ସୁଶାନ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ବକ୍ସିଂ ଏକାଡେମୀ ପକ୍ଷରୁ ଗ୍ରୀଷ୍ମ ଶିବିର

**ପୁରୀ,୮ା୫/ଏନ୍ଏନ୍ଏସ୍:** ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ଆସନ୍ତା ୧୦ ମଇରୁ ୧୦ ଜୁନ ୨୦୨୬ ପର୍ଯ୍ୟନ୍ତ ପୁରୀ ଜିଲ୍ଲା କ୍ରୀଡା ସଂକଳନ ଠାରେ 'ମୁଷ୍ଟିଯୁଦ୍ଧ ଗ୍ରୀଷ୍ମ ଶିବିର ୨୦୨୬' ଆୟୋଜନ କରାଯିବ। ଏହି କ୍ୟାମ୍ପରେ ୯ ବର୍ଷରୁ ଉର୍ଦ୍ଧ୍ୱ ବୟସର ପୁଅ ଓ ଝିଅମାନେ ଯୋଗଦେଇ ପାରିବେ। ପ୍ରତିଦିନ ସକାଳ ୬ଟାରୁ ୮ଟା ଏବଂ ସନ୍ଧ୍ୟା ୪.୫୦ ଟାରୁ ୭ ଟା ପର୍ଯ୍ୟନ୍ତ ଅଭ୍ୟାସ ଚାଲିବ। ଏହି କ୍ୟାମ୍ପରେ ବକ୍ସିଂର ପ୍ରାଥମିକ ପ୍ରଶିକ୍ଷଣ, ଫିଟନେସ, ଷ୍ଟାମିନା ବୃଦ୍ଧି, ସେଲ୍ଫ ଡିଫେନ୍ସ, ଶୃଙ୍ଖଳା ଓ କ୍ରୀଡା ମନୋଭାବ ଉପରେ ପ୍ରଶିକ୍ଷଣ ଦିଆଯିବ। ଅଭିଜ୍ଞ କୋଚମାନଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ପ୍ରଶିକ୍ଷଣ ଗ୍ରହଣ କରିବେ। ଉଲ୍ଲେଖଯୋଗ୍ୟ ଯେ, ଏକାଡେମୀର ଛାତ୍ରଛାତ୍ରୀମାନେ ପ୍ରତିବର୍ଷ ରାଜ୍ୟ ଓ ଜାତୀୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରି ସଫଳତା ଅର୍ଜନ କରୁଛନ୍ତି। ଏହି କ୍ୟାମ୍ପ ଯୁବପିଢିଙ୍କୁ ଭବିଷ୍ୟତରେ ଉତ୍କୃଷ୍ଟ ବକ୍ସର ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ଏକାଡେମୀ ପକ୍ଷରୁ କୁହାଯାଇଛି। କ୍ୟାମ୍ପରେ ଯୋଗଦେବା ପାଇଁ ଇଚ୍ଛୁକ ଖେଳାଳିମାନେ ପାସପୋର୍ଟ ସାଇଜ ଫଟୋ ଓ ଆଧାର କାର୍ଡର ଜେରକ୍ସ କପି ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## କାକଟପୁର ପୋଲିସ ପକ୍ଷରୁ ସଚେତନତା



**ଅସ୍ତରଙ୍ଗ,୮ା୫/ଏନ୍ଏନ୍ଏସ୍:** ଓଡ଼ିଶା ପୁଲିସ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ କାକଟପୁର ଥାନା ପକ୍ଷରୁ କିଶୋର କିଶୋରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଆଉଟ୍ରିଚ୍ ପ୍ରୋଗ୍ରାମ 'ଜୁଭେଣ୍ଟିକା' ଅନୁଷ୍ଠିତ ହୋଇଯାଇଛି। କ୍ରାଇମ ଏଗେନ୍ଷ୍ଟ ଓମେନ ଏଣ୍ଡ ଚିଲ୍ଡ୍ରେନ ୱିଙ୍ଗ (ସିଆଇଡିସିବି)ର ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟତଃ ଶିଶୁ ଏବଂ ମହିଳାମାନଙ୍କ ସୁରକ୍ଷା ତଥା ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମ ସହିତ ରାସ୍ତା ସୁରକ୍ଷାକୁ ଗୁରୁତ୍ୱ ଦେଇ କାକଟପୁର ପୋଲିସ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଥିଲା। ଥାନା ଅଧିକାରୀ ବସନ୍ତ ସାହୁଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଓ ସ୍କୁଲ ଛାତ୍ରୀମାନଙ୍କୁ ନେଇ ହେଲମେଟ ଓ ସିଟ ବେଲ୍ଟ ପିନ୍ଧି ବାଇକ୍ ଓ କାର ଚଲାଉଥିବା ସଚେତନ ଚାଳକମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇଥିଲେ। ନିଜ ଜୀବନର ସୁରକ୍ଷା ପାଇଁ ଟ୍ରାଫିକ ନିୟମ ପାଳନ କରିବାକୁ ଏହି ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ, ସମାଜସେବୀ ଏବଂ ବହୁ ସଂଖ୍ୟାରେ କିଶୋର କିଶୋରୀ ଯୋଗଦେଇଥିଲେ। ପୋଲିସର ଏଭଳି ମାନବିକ ଆଭିମୁଖ୍ୟ ଏବଂ ସଚେତନତା ଧର୍ମୀ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

## ପୌରପରିଷଦ ଜନଗଣନା କାର୍ଯ୍ୟର ତଦାରଖ

**ଖୋର୍ଦ୍ଧା,୮ା୫/ଏନ୍ଏନ୍ଏସ୍:** ଭାରତ ସରକାର ଜନଗଣନା ବିଭାଗ ସହାୟକ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖି ଏବଂ କୁମାରୀ ସଂଘମିତ୍ରା ସାହୁ, ମେଡ଼ିଆ ଲିଡ୍ (ଓଆରଜିଆଇ) ନୂଆଦିଲ୍ଲୀ, ଜିଲ୍ଲା ଭାରପ୍ରାପ୍ତ ଜନଗଣନା ଅଧିକାରୀ, ଖୋର୍ଦ୍ଧା ଜିଲ୍ଲା, ବିଜୟ କୁମାର ବେହେରା ଓ ଅର୍ଚ୍ଚନା ରାଉତ ଖୋର୍ଦ୍ଧା ପୌର ପରିଷଦ ଜନଗଣନା କାର୍ଯ୍ୟ ପରିଦର୍ଶନ ଓ ତଦାରଖ କରିଛନ୍ତି। ଏହି ପରିପ୍ରେକ୍ଷୀରେ ୧୮ଜଣ ସୁପରଭାଇଜର ଓ ୧୮ଜଣ ଜନଗଣନାକାରୀଙ୍କ ଉପସ୍ଥିତିରେ ଏକ ବୈଠକ ସ୍ଥାନୀୟ ଜୟୀରାଜଗୁରୁ ଟାଉନ୍‌ହଲ୍ ପରିସର କନ୍‌ଫରେନ୍ସ ହଲ୍ ଖୋର୍ଦ୍ଧାରେ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ପୌର ପରିଷଦ ତରଫରୁ ପ୍ରଥମେ ସ୍ୱାଗତ କରାଯାଇଥିଲା। ସମ୍ମାନସ୍ପଦ ସହାୟକ ନିର୍ଦ୍ଦେଶକ ଏବଂ ଉପସ୍ଥିତ ଜନଗଣନା ଅଧିକାରୀ ଜନଗଣନା ସଂପର୍କିତ ରିପୋର୍ଟ ସମୀକ୍ଷା କରିବା ସହିତ ଜନଗଣନା ସମ୍ପର୍କରେ ନିୟୋଜିତ ସୁପରଭାଇଜର ଓ ଜନଗଣନାକାରୀ କର୍ମଚାରୀମାନଙ୍କ ସହିତ ଆଲୋଚନା ଓ ଉପଦେଶ ପ୍ରଦାନ କରିଥିଲେ। ଖୋର୍ଦ୍ଧା ପୌର ପରିଷଦ ଦ୍ୱାରା ଜନଗଣନା କାର୍ଯ୍ୟର ପ୍ରଗତିରେ ଖୁସିବ୍ୟକ୍ତ କରିଥିଲେ।

## ବିଶ୍ୱ ରେଡ୍‌କ୍ରସ୍ ଦିବସରେ ସଚେତନତା ରାଲି

**ନୟାଗଡ,୮ା୫/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲାରେ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ଣରେ ଏକ ସଚେତନତା ରାଲି ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଜିଲ୍ଲା ରେଡକ୍ରସ ଫୋରମର ସଦସ୍ୟମାନେ ଯୋଗଦେଇଥିଲେ। ପରେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ସାଧାରଣ ସଭା ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଡେପୁଟୀ କଲେକ୍ଟର ତପତି ରାଜ, ଜିଲ୍ଲା ମୁଖ୍ୟ ଚିକିତ୍ସାକାରୀ ସୁଶାନ୍ତ କୁମାର ସ୍ୱାଇଁ, ରେଡକ୍ରସ୍ ଫୋରମର ସଦସ୍ୟ, ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ପରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୨୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ଥାନା ପକ୍ଷରୁ ସାଇବର୍ ସଚେତନତା

**ଟାଙ୍ଗୀ,୮ା୫/ଏନ୍ଏନ୍ଏସ୍:** ଆଜି ଟାଙ୍ଗୀ ଥାନା ପରିସରରେ ଥାନାଧିକାରୀ ଡ଼ ବିକାଶ କୁମାର ସେଠୀ ନେତୃତ୍ୱରେ ଆୟୋଜିତ ଯୁବନ୍ତିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ସିଡ଼ିପିଓ ସଙ୍ଗୀତା ପାଢ଼ୀ, ୫ଟି ଅଙ୍ଗନବାଡି କେନ୍ଦ୍ରର କର୍ମୀ ଓ ଅଞ୍ଚଳର ବହୁ କିଶୋରୀ ଓ ମହିଳାମାନେ ଉପସ୍ଥିତ ରହିବା ସହ ସାଇବର ଠକାମୀର ଶିକାର ନ ହେବା ପାଇଁ ସେମାନଙ୍କୁ ସଚେତନ କରିଥିଲେ। ଏଥିସହ କିଶୋରୀମାନଙ୍କୁ ଥାନା ଅଧିକାରୀ ଥାନା ଭିତର ବୁଲାଇବା ସହ ଥାନାର ନିୟମ ବିଷୟରେ ବୁଝାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସମସ୍ତ ମହିଳା ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିର ଉଦ୍‌ଯାପିତ

**ଚାରିଛକ,୮ା୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରାୟୋଜିତ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହଯୋଗରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିରର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ସମ୍ମାନୀତ ଅତିଥି ରୂପେ ପୁରୀ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ଗୋଲକ ବିହାରୀ ପଲେଇ ଏବଂ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ଯୋଗମାୟା ପଣ୍ଡା ଯୋଗଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରିଣୀ କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ଉଦ୍‌ଯାପନୀ ସମାରୋହ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ତିନିଦିନ ଧରି ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ଦୁଇ ଶହ ସ୍ୱେଚ୍ଛାସେବୀ ମହାବିଦ୍ୟାଳୟ ପରିସରରେ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିରରେ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଶିକ୍ଷକ ଭିକାରି ଚରଣ ସାହୁ, ନୃସିଂହ ମହାପାତ୍ରଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଯୋଗଦେଇଥିଲେ। ଶେଷରେ ସଂଯୋଜିକା ଅଧାପିକା ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟ୍ରିକ୍ ଟପ୍ପର୍‌ଙ୍କୁ ସରପଞ୍ଚଙ୍କ ସମ୍ବର୍ଦ୍ଧନା



**କଣ୍ଟାପଡ଼ା,୮ା୫/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବାଗଲପୁର ଗ୍ରାମପଞ୍ଚାୟତରେ ବାଘୁଆ ଗ୍ରାମର ନଳିନୀପ୍ରଭା ମିଶ୍ର ଓ ପୁଲକସୁମିଶ୍ରଙ୍କ ସୁକନ୍ୟା ଜ୍ୟୋସ୍ନାରାଣୀ ମିଶ୍ର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫୪୪ ନମ୍ବର ରଖି ଏ ୧ ତାଲିକାରେ ସ୍ଥାନ ପାଇବା ସହ କଣ୍ଟାପଡ଼ା ବ୍ଲକସ୍ତରୀୟ ମେଧା ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କୁ ତାଙ୍କ ବାସଭବନରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନ ଭେଟି ସମ୍ବର୍ଦ୍ଧିତ କରିଥିଲାବେଳେ ଆଜି ବାଗଲପୁର ପଞ୍ଚାୟତର ସରପଞ୍ଚ ଜ୍ୟୋସ୍ନାରାଣୀ ସେଠୀ ଭେଟି ସମ୍ବର୍ଦ୍ଧିତ କରିବା ସହ ଉଚ୍ଚତର ଶିକ୍ଷା ନିମିତ୍ତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସରପଞ୍ଚଙ୍କ ସହିତ ସମାଜସେବୀ ଉମାକାନ୍ତ କର, କବିନ୍ଦ୍ର ସେଠୀ, ପ୍ରିୟବ୍ରତ ରାଉତରାୟ ସାମିଲ ଥିଲେ।

## ସାହିତ୍ୟିକଙ୍କ ବିୟୋଗରେ ଶୋକ

**କୁଆଁପାଳ,୮ା୫/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅର୍ନ୍ତଗତ ଗୋପାଳପୁର ପଂଚାୟତର ଗୋପାଳପୁର ଗ୍ରାମର ମହାନ୍ ଲେଖକ, କବି, ଚିତ୍ରଶିଳ୍ପୀ, ତଥା ଅବସରପ୍ରାପ୍ତ କଳାଶିକ୍ଷକ ବଟକୃଷ୍ଣ ନାଥଶର୍ମାଙ୍କ ଗତ ୫ତାରିଖ ଅପରାହ୍ନ ୩ଟା ୩୦ମିନିଟ୍‌ରେ ୯୦ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶ୍ରୀ ଦୀର୍ଘଦିନ ଧରି ମସ୍ତିଷ୍କାଘାତ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ। ତାଙ୍କ ବିୟୋଗରେ ଏସ୍ ଉଉ କ୍ୟାନ୍ ସାମାଜିକ ସଂଗଠନ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ସଂଗଠନର ଅଧକ୍ଷ ସତ୍ୟଜିତ୍ ବିଶ୍ୱାଳ ଶୋକବ୍ୟକ୍ତ କରିବା ସହିତ ଗୋପାଳପୁର ଅଞ୍ଚଳ ଜଣେ ମହାନ୍ ଲେଖକ, କବି ତଥା ଚିତ୍ରଶିଳ୍ପୀଙ୍କୁ ହରାଇଲା ବୋଲି କହିବା ସହ ସେ ଛାଡ଼ିଯାଇଥିବା ସ୍ମୃତି ସଂଗଠନ ପାଇଁ ପଥପ୍ରଦର୍ଶକ ହେବ ବୋଲି ମତବ୍ୟକ୍ତି କରିଥିଲେ।

## ସମାଜସେବୀଙ୍କୁ ସମ୍ବର୍ଦ୍ଧନା



**ବାଲିଅନ୍ତା,୮ା୫/ଏନ୍ଏନ୍ଏସ୍:** କଟକ ପିଠାପୁରରେ ରହୁଥିବା ସଦର ଥାନା ମହୀଧରପଡ଼ା ଅନ୍ତର୍ଗତ ନଗରୀ ଗ୍ରାମର ବରିଷ୍ଠ ସମାଜସେବୀ ତଥା ଲେଖକ ବାଳକୃଷ୍ଣ ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବୟସାଧିକ୍ୟ କାରଣରୁ ସେ ଅସୁସ୍ଥ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ; ଆଜି ଆରୋଗ୍ୟଲାଭ କରିବା ପରେ ଡାକ୍ତରଖାନା କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ତାଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଚେସ ଖେଳାଳୀ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ଆଇନଜୀବୀ ଅଜୟକୁମାର ପରିଡ଼ା, ନୀଳିମା ବେହେରା, ପ୍ରଦୀପକୁମାର ବେହେରା ଓ ଡାକ୍ତର ଦିଲୀପକୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମୋଟର କର୍ମଚାରୀ ସଂଘ ସମ୍ପାଦକଙ୍କ ଦେହାନ୍ତରେ ବଜାର ବନ୍ଦ

**କଣ୍ଟିଲୋ,୮ା୫/ଏନ୍ଏନ୍ଏସ୍:** ହଠାତ୍ ଗତକାଲି ଗୁରୁବାର ସକାଳେ ହୃଦଘାତ୍ ଯୋଗୁ କଣ୍ଟିଲୋ ଘରୋଇ ମୋଟର କର୍ମଚାରୀ ସଂଘର ସମ୍ପାଦକ ଅଜୟ ଭାଇଙ୍କ ଦେହାନ୍ତରେ ଦୁଃଖରେ ମ୍ରିୟମାଣ ହେବା ତଥା ସମବେଦନା ଜଣାଇବା ଓ ତାଙ୍କୁ ସମ୍ମାନ ଜଣାଇ ଶୁକ୍ରବାର ସକାଳୁ ମୋଟର କର୍ମଚାରୀ ସଂଘ କାର୍ଯ୍ୟାଳୟ ନିକଟରେ ଥିବା ଉଭୟ ପାର୍ଶ୍ୱର ପ୍ରାୟ ୧୦୦ ପାଖାପାଖି ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ଗୁଡ଼ିକର ମାଲିକମାନେ ଏକତ୍ର ହୋଇ ନିଜ ନିଜର ଦୋକାନ ବଜାର ବନ୍ଦ୍ ରଖିଥିଲେ। ଏଥିପାଇଁ ଆଜି କଣ୍ଟିଲୋ ତଳବଜାର ସମ୍ପୂର୍ଣ୍ଣ ଭାବେ ଶୁନଶାନ୍ ଥିଲା। ଅପରାହ୍ନରେ ବ୍ୟବସାୟୀମାନଙ୍କ ମିଳିତ ଶୋକସଭାରେ ସ୍ୱର୍ଗୀୟ ଶ୍ରୀ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା।

## ବିଦ୍ୟୁତ୍ ଆଘାତରେ ମୃତ ବ୍ୟକ୍ତିଙ୍କ ପରିବାରକୁ ମିଳିଲା ସହାୟତା

**ଫୁଲନଖରା,୮ା୫/ଏନ୍ଏନ୍ଏସ୍:** ପ୍ରତାପନଗରୀ ଜଳସମ୍ପଦ ବିଭାଗ ଅଧୀନରେ ଠିକା କର୍ମଚାରୀଭାବେ କାର୍ଯ୍ୟ କରୁଥିବା ସଦର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ଦାମୋଦର ମହାନ୍ତି(୩୬)ଙ୍କ ୨୦୨୪ ଜାନୁଆରୀ ୧୬ତାରିଖରେ କୁରୁଣ୍ଟିଠାରେ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିଲା। ତେବେ ତାଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ନ ମିଳିବାରୁ ମାନବାଧିକାର କର୍ମୀ କଳ୍ପତରୁ ଖୁଣ୍ଟିଆଙ୍କ ଉଦ୍ୟମକ୍ରମେ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ଏକ ମାମଲା ଦାୟର ହୋଇଥିଲା। ଏହାର ବିଚାର କରି ମାନ୍ୟବର ଆୟୋଗ ସେହିବର୍ଷ ଜୁଲାଇ ୧୯ତାରିଖରେ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଦୁଇ ବର୍ଷ ପରେ ଆଜି ଏହି କ୍ଷତିପୂରଣ ରାଶି ସମ୍ପୃକ୍ତ ପରିବାରକୁ ପ୍ରଦାନ କରାଯାଇଛି। କଳ୍ପତରୁ ଖୁଣ୍ଟିଆଙ୍କ ଉପସ୍ଥିତିରେ କ୍ଷତିଗ୍ରସ୍ତ ପରିବାରକୁ ଏହା ହସ୍ତାନ୍ତର ହୋଇଛି। ସୂଚନାଯୋଗ୍ୟ, ଦାମୋଦର ଓଲଟପୁର ମାଇନର କେନାଲ ବନ୍ଧରେ କାମ କରୁଥିଲାବେଳେ ଉପରେ ଯାଇଥିବା ୩୩କେଭି ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଜଳସମ୍ପଦ ବିଭାଗ ତାଙ୍କ ବିଧବା ପତ୍ନୀଙ୍କୁ ଥଇଥାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଳନ କରିନଥିଲେ।

## ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଫୁଲନଖରା,୮ା୫/ଏନ୍ଏନ୍ଏସ୍:** ବାରଙ୍ଗ ବ୍ଲକ ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ଖଦୋଳଠାରେ ଥିବା ବିଳାଶୁଣୀ ବିଦ୍ୟାପୀଠର ହିନ୍ଦୀ ଶିକ୍ଷୟିତ୍ରୀ ସବିତା ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ଶରତକୁମାର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପ୍ରାକ୍ତନ ସରପଞ୍ଚ ଜୟଦେବ ପ୍ରଧାନ, ପୁରାତନ ଛାତ୍ରସଂସଦ ସଭାପତି ଗୌରାଙ୍ଗଚରଣ ନାଥ, ପ୍ରବୋଧ ମହାପାତ୍ର, ମନୋରଞ୍ଜନ ଦାଶ, ପ୍ରଫୁଲ୍ଲକୁମାର ଦାଶ, ସୁଧାକର ମହାନ୍ତି, ପଣ୍ଡିତ ବିମ୍ବାଧର ଦାସ, ସିଆରସିସି ପ୍ରଦ୍ୟୁମ୍ନକୁମାର ଦାଶ, ଶୁଭଶ୍ରୀ ମହାରଣା, ଚନ୍ଦ୍ରଶେଖର ମାଝୀ, ଶିକ୍ଷକ ରବିନାରାୟଣ ନାଥ, ସ୍ମୃତିରଂଜନ ନାୟକ ପ୍ରମୁଖ ଯୋଗଦେଇ ତାଙ୍କର ଗୁଣଗାନ କରିଥିଲେ। ଏହି ଅବସରରେ ଶ୍ରୀମତୀ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁରଲୀଧର ବେହେରା, ସୂର୍ଯ୍ୟ ଗମାଙ୍ଗ, ପୁଷ୍ପାଞ୍ଜଳି ସେଠୀ, ଲଳିତକୁମାର ସାହୁ, ଶିଶିର ସ୍ୱାଇଁ, ଅଶୋକ ସ୍ୱାଇଁ, ଚିତ୍ତରଂଜନ ପଟ୍ଟନାୟକ, ତ୍ରିଲୋଚନ ବେହେରା, ସୁରେଶଚନ୍ଦ୍ର ଦାସ, ହୃଷିକେଶ ସ୍ୱାଇଁ, ଲଲାଟକୁମାର ଦାସ ଉପସ୍ଥିତ ଥିଲେ। ଶିକ୍ଷକ ଆନନ୍ଦଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ମୌଳିକ ସୁବିଧାରୁ ବଞ୍ଚିତ କାଶିଲି ଗ୍ରାମବାସୀ

## ବିତାଉଛନ୍ତି ଦୁର୍ବିସହ ଜୀବନ



**ରାୟଗଡ଼ା,୮।୫/ଏନ୍‌ଏନ୍‌ଏସ୍:** ଆଦିବାସୀ ବହୁଳ ରାୟଗଡା ଜିଲ୍ଲା ସଦର ବ୍ଲକ ମାଲିଗାଁ ପଞ୍ଚାୟତର କାଶିଲି ଗ୍ରାମବାସୀ ଆଜିର ଆଧୁନିକ ଯୁଗରେ ମଧ୍ୟ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ପାହାଡ଼ ଓ ଜଙ୍ଗଲ ଘେରାରେ ଥିବା ଏହି ଗ୍ରାମରେ ପ୍ରାୟ ୨୫ଟି ପରିବାର ବସବାସ କରୁଥିବା ବେଳେ ରାୟଗଡ଼ା ସଦର ମହକୁମାଠାରୁ ଏହାର ଦୂରତା ମାତ୍ର ୯ କିଲୋମିଟର। ତଥାପି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ସ୍ୱାସ୍ଥ୍ୟ, ଶିକ୍ଷା ଓ ପାନୀୟ ଜଳ ଭଳି ଅନେକ ସମସ୍ୟା ଗ୍ରାମବାସୀଙ୍କ ଜୀବନକୁ ଦୁର୍ବିସହ କରିଦେଇଛି। ଗ୍ରାମକୁ ଯାଇଥିବା ୯ କି.ମି ରାସ୍ତାରୁ ପ୍ରାୟ ୪ କି.ମି ରାସ୍ତା ଅତି ଶୋଚନୀୟ ହୋଇପଡ଼ିଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ପହଞ୍ଚିପାରୁନାହିଁ। ଫଳରେ ଗର୍ଭବତୀ ମହିଳା ଓ ବୃଦ୍ଧବୃଦ୍ଧାଙ୍କୁ ଖଟିଆରେ ବୋହି ମାଲିଗାଁ ପର୍ଯ୍ୟନ୍ତ ନେବାକୁ ପଡୁଛି। ପକ୍କା ରାସ୍ତା ଅଭାବରୁ ଗ୍ରାମର ଲଛମାୟା ପାଲାକା ଓ ଗାଙ୍ଗୁ ହିମିରିକା ପ୍ରାୟ ୪ କିମି ଚାଲି ଚାଲି ଯାଇ ମାଲିଗାଁ ପଞ୍ଚାୟତରୁ ପିଡିଏସ୍ ସାମଗ୍ରୀ ଓ ଭତ୍ତା ଆଣୁଥିବା କଥା ପ୍ରକାଶ କରିଛନ୍ତି। ଗ୍ରାମରେ ବିଦ୍ୟୁତ ସଂଯୋଗ ନଥିବାରୁ ସୋଲାର୍ ମାଧ୍ୟମରେ କାମ ଚଳୁଛି ଏବଂ ନଳକୂପ ଅଚଳ ହୋଇଥିବାରୁ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି। ସ୍ୱେଚ୍ଛାସେବୀଙ୍କ ସହାୟତାରେ ସୋଲାର ପମ୍ପ ଯୋଗେ ଜଳ ଯୋଗାଣ କରାଯାଉଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ଶିକ୍ଷା କ୍ଷେତ୍ରରେ ମଧ୍ୟ ଗ୍ରାମଟି ଅବହେଳିତ; ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ ପିଲାମାନେ ପ୍ରାକ୍-ଶିକ୍ଷା ଓ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଉଥିବା ବେଳେ ବିଦ୍ୟାଳୟ ଅଭାବରୁ ଅନେକ ପିଲା ସ୍କୁଲ ମାଡ଼ିନାହାନ୍ତି। ଆବାସ ଯୋଜନାରେ ମଧ୍ୟ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ଦୀର୍ଘ ୨୫ ବର୍ଷର ସଂଘର୍ଷ ପରେ ମାତ୍ର ୩ ଜଣ ହିତାଧିକାରୀଙ୍କୁ ଘର ମିଳିଥିବା ବେଳେ ବଳକା ପରିବାର ଆଜି ବି ଚାଳଛପର ଘରେ ଦିନ କାଟୁଛନ୍ତି। ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଦ୍ୱାରସ୍ଥ ହୋଇ ମଧ୍ୟ ଗ୍ରାମବାସୀ ନିରାଶ ହୋଇଛନ୍ତି। ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ପହଞ୍ଚି ପ୍ରତିଶ୍ରୁତିର ବନ୍ୟା ଛୁଟାଉଥିଲେ ହେଁ ପରେ କାହାର ଦେଖା ମିଳୁନଥିବା ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧିମାନେ ତୁରନ୍ତ ଏହି ଦିଗରେ ଦୃଷ୍ଟି ଦେଇ ଗ୍ରାମର ସମସ୍ୟା ସମାଧାନ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଜିଲ୍ଲା ପରିଷଦ ବୈଠକରେ ହଟ୍ଟଗୋଳ



**ନବରଙ୍ଗପୁର,୮।୫/ଏନ୍‌ଏନ୍‌ଏସ୍:** ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଷଷ୍ଠ ଜିଲ୍ଲା ପରିଷଦର ନବମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଚାଲିଥିବା ସମୟରେ ବ୍ଲକ ସ୍ତରୀୟ ବିଭିନ୍ନ ଉନ୍ନତିମୂଳକ କାମରେ ଶାସକ ଦଳର କର୍ମୀମାନେ ଅଯଥା ହସ୍ତକ୍ଷେପ କରୁଥିବା ନେଇ ଜିଲ୍ଲା ପରିଷଦ ସଭ୍ୟମାନେ ଗୁରୁତର ଅଭିଯୋଗ ଆଣିବା ସହ ବୈଠକ ବର୍ଜନ କରିଛନ୍ତି। ସିଏଫସି, ଏଫଏଫସି, ବିଜିଭିଓ, ବିକେବିକେ ପାଣ୍ଠି ସମେତ ଏମଭିଟେକ୍ସ ଭଳି ସ୍ୱତନ୍ତ୍ର ଜିଲ୍ଲା ପରିଷଦ ଉନ୍ନୟନ ପାଣ୍ଠିକୁ କର୍ମୀମାନେ ନିଜ ଅକ୍ତିଆରକୁ ନେଇ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି ଏବଂ ବିଶେଷ ଭାବେ ଉମରକୋଟ ବ୍ଲକରେ ଏହାର ପରିମାଣ ଅଧିକ ବୋଲି ସଭ୍ୟମାନେ ପ୍ରକାଶ କରିଛନ୍ତି। ବୈଠକରେ ଜିଲ୍ଲା ସାଂସଦ, ଜିଲ୍ଲାର ଏକମାତ୍ର ମନ୍ତ୍ରୀ, ସମସ୍ତ ବିଧାୟକ ଓ ଜିଲ୍ଲାପାଳ ଉପସ୍ଥିତ ଥିଲେ ସୁଦ୍ଧା କୌଣସି ବ୍ଲକର ବିଡିଓ ଆସିନଥିବାରୁ ଏହାକୁ ନେଇ ସଭ୍ୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବିଡିଓମାନଙ୍କୁ ସାମିଲ କରି ପରବର୍ତ୍ତୀ ବୈଠକ କରିବା ପାଇଁ ଦାବି କରିବା ସହ ନଚେତ ଆଗାମୀ ବୈଠକକୁ କେହି ଆସିବେ ନାହିଁ ବୋଲି ସଭ୍ୟମାନେ ଚେତାବନୀ ଦେଇଛନ୍ତି।

- ସଭ୍ୟଙ୍କ ବୈଠକ ବର୍ଜନ
- ଉନ୍ନୟନମୂଳକ କାର୍ଯ୍ୟରେ ଶାସକ ଦଳ କର୍ମୀଙ୍କ ହସ୍ତକ୍ଷେପ ଅଭିଯୋଗ

ଅପରପକ୍ଷରେ, ଜିଲ୍ଲା ପରିଷଦର ସ୍ୱତନ୍ତ୍ର ପାଣ୍ଠିରେ ବାହାର ଲୋକଙ୍କ ହସ୍ତକ୍ଷେପ ଏବଂ ସ୍ଥାନୀୟ ବିଡିଓମାନଙ୍କ କାର୍ଯ୍ୟକଳାପକୁ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନାପସନ୍ଦ କରିବା ସହିତ ଯାହାର ହକ୍ ତାକୁ ଫେରାଇ ବୈଠକ ଶୃଙ୍ଖଳିତ କରିବାକୁ ଦାବି କରିଛନ୍ତି। ବର୍ତ୍ତମାନ ବ୍ଲକ ସ୍ତରରେ ସମନ୍ୱୟର ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଆଗାମୀ ଦିନରେ ସମସ୍ତଙ୍କ ସହ ଆଲୋଚନା କରି ପ୍ରତ୍ୟେକଙ୍କ ଦାବି ଗ୍ରହଣ କରାଯାଇ ପଦକ୍ଷେପ ନିଆଯିବ ବୋଲି ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ ସୂଚନା ଦେଇଛନ୍ତି।

# 'ଲୋକଙ୍କୁ ସାହାଯ୍ୟ କରିବା ପାଇଁ ରେଡ୍‌କ୍ରସ୍ ଆନ୍ଦୋଳନ ଉତ୍ସର୍ଗୀକୃତ'




**ବଲାଙ୍ଗୀର,୮।୫/ଏନ୍‌ଏନ୍‌ଏସ୍:** ବଲାଙ୍ଗୀର ସ୍ଥାନୀୟ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ବିଶ୍ୱ ରେଡକ୍ରସ ଦିବସ ଉତ୍ସାହ ଓ ଉଦ୍ଦୀପନା ସହ ପାଳିତ ହୋଇଯାଇଛି। ସମସ୍ତ ଅତିଥି ଜନ ହେନେରୀ ଡୁନାଣ୍ଟଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ କଳାପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତ ବର୍ଷର ପ୍ରସଙ୍ଗ 'ମାନବିକତାରେ ଏକତା, ସଙ୍କଟ ସମୟରେ ଏକାଠି ଛିଡ଼ା ହେବା'କୁ ଆଧାର କରି ମାନବ ସେବା, ସହଯୋଗ ଓ ଭାତୃତ୍ୱର ସନ୍ଦେଶ ପ୍ରଚାର କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ ରେଡକ୍ରସର ମାନବିକ କାର୍ଯ୍ୟକଳାପ ଓ ସମାଜ ସେବାରେ ଏହାର ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ରେଡକ୍ରସର ଆଦର୍ଶକୁ ଅନୁସରଣ କରି ସମାଜ ସେବାରେ ନିଜକୁ ସମର୍ପିତ କରିବାକୁ ସମସ୍ତ ପରାମର୍ଶଦାତାଙ୍କୁ ପ୍ରେରିତ କରିଥିଲେ। ଲୋକଙ୍କୁ ସାହାଯ୍ୟ କରିବା ପାଇଁ ରେଡ୍‌କ୍ରସ ଆନ୍ଦୋଳନ ଉତ୍ସର୍ଗୀକୃତ ଓ ସମାଜ ପ୍ରତି ରେଡ୍‌କ୍ରସର ଅବଦାନକୁ ସ୍ମରଣ ଲାଗି ପ୍ରତିବର୍ଷ ବିଶ୍ୱ ସ୍ତରରେ ଏହି ଦିବସ ପାଳନ କରାଯାଉଅଛି ବୋଲି ସେ କହିଥିଲେ।

ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ନିଜ ବକ୍ତବ୍ୟରେ ବିଶ୍ୱ ରେଡକ୍ରସ ଦିବସ କେବଳ ଏକ ଆନୁଷ୍ଠାନିକ ପାଳନ ନୁହେଁ, ବରଂ ମାନବତା, ସେବା ଓ ସହଯୋଗର ମହାନ ବାର୍ତ୍ତାକୁ ସମାଜରେ ପ୍ରଚାର କରିବାର ଏକ ସୁଯୋଗ ବୋଲି କହିଥିଲେ। ଏଥିସହ ଛାତ୍ରଛାତ୍ରୀମାନଙ୍କ ମନରେ ସେବାଭାବ, ସହାନୁଭୂତି ଓ ସାମାଜିକ ଦାୟିତ୍ୱବୋଧ ଜାଗୃତ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଜିଲ୍ଲା ଜୁନିଅର ରେଡକ୍ରସ ସମ୍ପାଦକ ପ୍ରଦୀପ ପାତ୍ର ନିଜ ବକ୍ତବ୍ୟରେ ବିପଦ ସମୟରେ ଆଗକୁ ଆସି ସହଯୋଗ କରିବା, ରକ୍ତଦାନ ପ୍ରତି ସଚେତନତା ବୃଦ୍ଧି କରିବା ଓ ମାନବ କଲ୍ୟାଣରେ ନିଜକୁ ସମର୍ପିତ କରିବା ହିଁ ରେଡ୍‌କ୍ରସର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ମଞ୍ଚାସୀନ ଥିଲେ। ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ବିକାଶ ରଞ୍ଜନ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧନ କର୍ମୀ ଜୟକୃଷ୍ଣ ନାଏକ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ରାଜ୍ୟ ସାଧନ କର୍ମୀ ଘନଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଦହିପାଣି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର, ଦ୍ୱିତୀ ରଞ୍ଜନ ମହାଲିଙ୍ଗ, ଜିଲ୍ଲାର ସମସ୍ତ ବ୍ଲକ ସଂଯୋଜକ, ପରାମର୍ଶଦାତା, ସାଧନକର୍ମୀ ତଥା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଗରିବ ଛାତ୍ରୀଙ୍କୁ ସହାୟତା



**ରେଢ଼ାଖୋଲ,୮।୫/ଏନ୍‌ଏନ୍‌ଏସ୍:** ଆର୍ଥିକ ଅଭାବ ଓ ପାରିବାରିକ ସମସ୍ୟା ପାଠପଢ଼ାରେ ବାଧକ ସାଜିଥିବା ବେଳେ ଜଣେ ଗରିବ ମେଧାବୀ ଛାତ୍ରୀଙ୍କ ପାଇଁ ଦେବଦୂତ ସାଜିଛନ୍ତି ପ୍ରଶାସନିକ ଅଧିକାରୀ। ରେଢ଼ାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତର ଆଶା ରାଣୀ ସାହୁ ନାମକ ଜଣେ ଛାତ୍ରୀ ବର୍ତ୍ତମାନ ବଡ଼ମାଳ ସ୍ଥିତ ଜୟ ଜଗନ୍ନାଥ କଲେଜରେ ଯୁକ୍ତ ୩ କଳାରେ ଅଧ୍ୟୟନରତ। ପରିବାରର ଆର୍ଥିକ ଅନାଟନ ସାଙ୍ଗକୁ ବାପାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ପ୍ରଥମ ବର୍ଷ ନାମଲେଖା ପାଇଁ ସେ ଅସମର୍ଥ ଥିବାବେଳେ ରେଢ଼ାଖୋଲ ଉପଜିଲ୍ଲାପାଳ ନିଜେ ନାମଲେଖା ଖର୍ଚ୍ଚ ବହନ କରିଥିଲେ। ସେହିପରି ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ତାଙ୍କର ବହିପତ୍ର କିଣିବା ଖର୍ଚ୍ଚ ପ୍ରଦାନ କରି ପାଠପଢ଼ାରେ ସହାୟକ ହୋଇଥିଲେ। ତେବେ ଛାତ୍ରୀଙ୍କ ଗାଁରୁ କଲେଜର ଦୂରତା ପ୍ରାୟ ଚାରି କିଲୋମିଟର ହୋଇଥିବାରୁ ଯିବାଆସିବା ପାଇଁ ସେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ସମସ୍ୟାକୁ ହୃଦୟଙ୍ଗମ କରି ରେଢ଼ାଖୋଲ ଏନଏସି କାର୍ଯ୍ୟାଳୟ ପରିସରରେ ନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା ଓ ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଉପସ୍ଥିତିରେ ଛାତ୍ରୀଙ୍କୁ ଏକ ନୂତନ ସାଇକେଲ ପ୍ରଦାନ କରାଯାଇଛି। ପ୍ରଶାସନର ଏହି ଉଦ୍ୟମ ଯୋଗୁଁ ଆଶା ରାଣୀ ସୁବିଧାରେ କଲେଜ ଯାଇ ପାଠ ପଢ଼ିପାରିବେ। ଏହି ସହାୟତା ପାଇଁ ଛାତ୍ରୀ ଓ ତାଙ୍କ ପରିବାର ପ୍ରଶାସନିକ ଅଧିକାରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି।

## ଚାଲିଲା ରୋଲର୍

# ନଷ୍ଟ କରାଗଲା ୮୫ ବାଇକ୍‌ର ସାଇଲେନ୍ସର୍

**ଜୟପୁର,୮।୫/ଏନ୍‌ଏନ୍‌ଏସ୍:** ଜୟପୁର ଟାଉନ ଥାନା ପକ୍ଷରୁ ସହରରେ ବେଆଇନ ଓ ଅତ୍ୟଧିକ ଶବ୍ଦ କରୁଥିବା ଗାଡି ସାଇଲେନ୍ସର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଟାଉନ ଥାନା ପରିସରରେ ଜବତ କରାଯାଇଥିବା ପ୍ରାୟ ୮୫ଟି ବାଇକ୍ ସାଇଲେନ୍ସର୍ ଉପରେ ରୋଲର ଚଳାଇ ସେଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରାଯାଇଛି। ଏହି ଅଭିଯାନ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅର୍ଚ୍ଚିତା ମିଉଲ ଓ ଜୟପୁର ଟାଉନ୍ ଥାନାର ଉଲ୍ଲାସ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶରେ କରାଯାଇଥିବା ସୂଚନା ମିଳିଛି। ସହରରେ କିଛି ଯୁବକ ମୋଟରସାଇକେଲରେ ଅତ୍ୟଧିକ ଶବ୍ଦ କରୁଥିବା ମୋଡିଫାଇଡ୍ ସାଇଲେନ୍ସର ବ୍ୟବହାର କରୁଥିବାରୁ ସାଧାରଣ ଲୋକେ ଗଭୀର ଅସୁବିଧାର ସମ୍ମୁଖୀନ ହେଉଥିଲେ।



ପୁଲିସ ପକ୍ଷରୁ ଚାଲିଥିବା ବିଶେଷ ଯାଞ୍ଚ ଅଭିଯାନ ସମୟରେ ଏହି ସାଇଲେନ୍ସରଗୁଡ଼ିକୁ ଜବତ କରାଯାଇଥିଲା। ପରେ ଥାନା ପରିସରରେ ସମସ୍ତ ସାଇଲେନ୍ସର୍‌କୁ ଧାଡ଼ି କରି ରଖାଯାଇ ତାହା ଉପରେ ରୋଲର୍ ଚଳାଯାଇଥିଲା। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅର୍ଚ୍ଚିତା ମିଉଲ କହିଛନ୍ତି ଯେ ବେଆଇନ ଓ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିବା ସାଇଲେନ୍ସର ବ୍ୟବହାରକାରୀଙ୍କ ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ। ସେହିପରି ଜୟପୁର ଟାଉନ୍ ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସାଧାରଣ ଜନତାଙ୍କୁ ଟ୍ରାଫିକ ନିୟମ ମାନିବା ସହ କେବଳ ଅନୁମୋଦିତ ସାଇଲେନ୍ସର ବ୍ୟବହାର କରିବାକୁ ଅନୁରୋଧ କରିଛନ୍ତି। ପୁଲିସର ଏହି ପଦକ୍ଷେପକୁ ସହରବାସୀ ସ୍ୱାଗତ କରିଛନ୍ତି।

# ଓଡ଼ିଶା ଅମଲା ସଂଘ ନିର୍ବାଚନ ତାରିଖକୁ ନେଇ ଦ୍ୱନ୍ଦ୍ୱ

**ଜୟପୁର,୮।୫/ଏନ୍‌ଏନ୍‌ଏସ୍:** ଓଡ଼ିଶା ଅମଲା ସଂଘର ରାଜ୍ୟ ନେତୃବୃନ୍ଦ ଜିଲ୍ଲାସ୍ତରୀୟ ଅମଲାଙ୍କ ଲକ୍ଷାଧିକ ଟଙ୍କା ହେରଫେର କରିଥିବା ନେଇ ସଂଘର ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀ ଭୂଷଣ ଦାସ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗକୁ ନେଇ ସେ କୋରାପୁଟ ଓ ଜୟପୁରଠାରେ ବିଭିନ୍ନ ସମୟରେ ବୈଠକ ଓ ସାମ୍ବାଦିକ ସମ୍ମିଳନୀ କରିବା ସହ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରୀ ଦାଶଙ୍କ ଅଭିଯୋଗ ଅନୁସାରେ, ଦୀର୍ଘ ୨୦ ବର୍ଷ ହେବ ରାଜ୍ୟ ନେତୃବୃନ୍ଦ ସଂଘ ପାଣ୍ଠିର ଅପବ୍ୟବହାର କରିଆସୁଛନ୍ତି ଏବଂ ଏହାର ପ୍ରତିବାଦ କରିବାରୁ ସଂଘ ପକ୍ଷରୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ସେ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଗୃହ ବିଭାଗ)ଙ୍କୁ ଚିଠି ଲେଖି ସଂଘର ଅରାଜକତା ସମ୍ପର୍କରେ ଅବଗତ କରାଇଛନ୍ତି। ପୂର୍ବତନ ସରକାରଙ୍କ ସମୟରେ ଅମଲାଙ୍କ ଦାବି ପୂରଣ ପାଇଁ ଆଦାୟ ହୋଇଥିବା ଲକ୍ଷାଧିକ ଟଙ୍କାକୁ ନେତୃବୃନ୍ଦ ସରକାରଙ୍କ ସହ ସଲାସୁତୁରା କରି ଆତ୍ମସାତ କରିଥିବା ଏବଂ ଗୃହ ବିଭାଗର ଆଦେଶକୁ ଅବମାନନା କରାଯାଉଥିବା ସେ ପ୍ରକାଶ କରିଛନ୍ତି। ସଂଘର କିଛି ନିର୍ଦ୍ଦିଷ୍ଟ ନେତା କଟକ, ଭୁବନେଶ୍ୱର ଓ ପୁରୀରେ ରହି ସରକାରୀ ସ୍ତରରେ ନିଜର ଦବଦବା ରଖୁଛନ୍ତି ଏବଂ ବାରମ୍ବାର ସେହି ଅଞ୍ଚଳରେ ତ୍ରୟୋବାର୍ଷିକ ସମ୍ମିଳନୀ କରି ପଦବୀ ଅକ୍ତିଆର କରୁଛନ୍ତି। ଯଦି କେହି ଏହା ବିରୋଧରେ ସ୍ୱର ଉତ୍ତୋଳନ କରୁଛି, ତେବେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଉଛି, ଯାହାର ପ୍ରମାଣ ୨୦୨୩ ସମ୍ମିଳନୀରେ ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲା ନେତୃବୃନ୍ଦଙ୍କ ଅନୁରୋଧ କ୍ରମେ କୋରାପୁଟ ଜିଲ୍ଲାରେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ଆସନ୍ତା ୨୩.୦୫.୨୦୨୬ ଓ ୨୪.୦୫.୨୦୨୬ ରିଖରେ ନିର୍ବାଚନ କରିବାକୁ ଶ୍ରୀ ଦାଶ ଗୃହ ସଚିବଙ୍କୁ ପ୍ରସ୍ତାବ ଦେଇଥିଲେ। ମାତ୍ର ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ୨୬ ଓ ୨୭ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ଶୁଭେଚ୍ଛା ବାର୍ତ୍ତା ଦେଇଥିବା ଦେଖିବାକୁ ମିଳିଛି। ଏହି ତାରିଖ ପରିବର୍ତ୍ତନ ପଛରେ କୁଚକ୍ରାନ୍ତକାରୀଙ୍କ ଷଡ଼ଯନ୍ତ୍ର ରହିଛି ବୋଲି ଅଭିଯୋଗ କରିବା ସହ କୋରାପୁଟ ଜିଲ୍ଲାରେ ପୂର୍ବ ନିର୍ଦ୍ଧାରିତ ୨୩ ଓ ୨୪ ମଇ ୨୦୨୬ରେ ହିଁ ଓଡ଼ିଶା ଅମଲା ସଂଘର ନିର୍ବାଚନ ହେବ ବୋଲି ଶ୍ରୀ ଦାଶ ସ୍ପଷ୍ଟ କରିଛନ୍ତି।

## କଲ୍ୟାଣସିଂହପୁର ଲ୍ୟାମ୍ପ୍‌ସ ଦୁର୍ନୀତି ମାମଲା

# ୧୧ରୁ ଭିଜିଲାନ୍ସ ତଦନ୍ତ

**ରାୟଗଡ଼ା,୮।୫/ଏନ୍‌ଏନ୍‌ଏସ୍:** କଲ୍ୟାଣସିଂହପୁର ଲ୍ୟାମ୍ପ୍‌ସରେ ହୋଇଥିବା ବ୍ୟାପକ ଆର୍ଥିକ ଅନିୟମିତତା ଓ ଦୁର୍ନୀତିର ତଦନ୍ତ ପାଇଁ ଆସନ୍ତା ୧୧ ତାରିଖ ଏକ ସ୍ୱତନ୍ତ୍ର ଭିଜିଲାନ୍ସ ଟିମ୍ ରାୟଗଡ଼ା ଆସୁଛନ୍ତି। ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ଗଠିତ ଏହି ଟିମ୍ ପ୍ରଥମେ ସହକାରୀ ସମବାୟ ନିବନ୍ଧକଙ୍କଠାରୁ ତଥ୍ୟ ସଂଗ୍ରହ କରି କଲ୍ୟାଣସିଂହପୁର ଲ୍ୟାମ୍ପ୍‌ସରେ ତଦନ୍ତ କରିବେ। ସହକାରୀ ସମବାୟ ନିବନ୍ଧକ ଜନ୍ମେଜୟ ମହାପାତ୍ରଙ୍କ ପୂର୍ବ ତଦନ୍ତରୁ ପ୍ରାୟ ୭୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ହେର୍‌ଫେର୍ ହୋଇଥିବା ଜଣାପଡ଼ିଛି। ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ତାରିଣୀ ପ୍ରସାଦ ତ୍ରିପାଠୀ ନିଜ ନାମରେ ଏବଂ ତାଙ୍କ ବାପା, ଭାଇ ଓ ସ୍ତ୍ରୀଙ୍କ ସମେତ ବିଭିନ୍ନ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ବେନିୟମ ଭାବେ ଅର୍ଥ ସ୍ଥାନାନ୍ତର କରିଥିବା ଅଭିଯୋଗ ହୋଇଛି। ବିଶେଷ କରି ୩୩ ଜଣ ଚାଷୀଙ୍କ ଜମା ଖାତାରୁ ସେମାନଙ୍କ ଅଜାଣତରେ ପ୍ରାୟ ୨୮ ଲକ୍ଷ ୨୯ ହଜାର ଟଙ୍କା ହଡ଼ପ କରାଯାଇଛି। ଏହାସହ ବିଭିନ୍ନ ନିର୍ମାଣ ଓ ମରାମତି କାମ ନାମରେ ମିଥ୍ୟା ଖର୍ଚ୍ଚ ଦର୍ଶାଇ ଅର୍ଥ ଆତ୍ମସାତ କରାଯାଇଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ଘଟଣା ପରେ ଶ୍ରୀ ତ୍ରିପାଠୀଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଥିବା ବେଳେ ଭିଜିଲାନ୍ସ ତଦନ୍ତ ଦ୍ୱାରା ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

# ରାଜରାସ୍ତାରେ ରବିଧାନ ପଞ୍ଜିକରଣରୁ ବଞ୍ଚିତ ଚାଷୀ



## ଅନିର୍ଦ୍ଦିଷ୍ଟ କାଳଯାଏଁ ଧର୍ମଘଟ

**କୋକସରା,୮।୫/ଏନ୍‌ଏନ୍‌ଏସ୍:** ଇନ୍ଦ୍ରାବତୀ ମେଗାଲିଫ୍ଟ ପ୍ରକଳ୍ପ ଅଧୀନରେ ଥିବା ଚାଷୀମାନେ ରବିଧାନ ବିକ୍ରୟ ପାଇଁ ପଞ୍ଜିକରଣରୁ ବଞ୍ଚିତ ହେବାରୁ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କଲେ ସୁଦ୍ଧା ସରକାର କୌଣସି ପଦକ୍ଷେପ ନନେବାରୁ ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକର ହଜାର ହଜାର ଚାଷୀ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୂଚନା ଅନୁସାରେ, ଚଳିତ ରବି ଋତୁରେ ପ୍ରାୟ ୧୮,୮୫୫ ହେକ୍ଟର ଜମିରେ ଚାଷ ପାଇଁ ଇନ୍ଦ୍ରାବତୀ ମେଗାଲିଫ୍ଟ ପ୍ରକଳ୍ପରୁ ପାଣି ଯୋଗାଇ ଦିଆଯାଇଥିଲା। ଚାଷୀମାନେ ଋଣ କରି ଧାନ ଚାଷ କରିଥିବା ବେଳେ ବର୍ତ୍ତମାନ ଅମଳ ସରିଲାଣି, କିନ୍ତୁ ବିଭାଗ ପକ୍ଷରୁ ଧାନ କିଣିବା ପାଇଁ କୌଣସି ପଞ୍ଜିକରଣ ବ୍ୟବସ୍ଥା କରାଯାଇନାହିଁ।

ଗତ ଦେଢ଼ ମାସ ଧରି ଚାଷୀମାନେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଭାଗୀୟ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଇନ୍ଦ୍ରାବତୀ ମେଗାଲିଫ୍ଟ କୃଷକ ସଂଘ ପକ୍ଷରୁ ଏକ ବିଶାଳ ସଭା ଆୟୋଜିତ ହୋଇଥିଲା। ଯୁବ ନେତା ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ପୁରୁଷୋତ୍ତମ ଦାସ ଗୁପ୍ତା ସଭାପତିତ୍ୱ କରିଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦୁ ସିଂହଦେଓ, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ବିଧାୟକ ମୌସୁଧି ବାଗ, ଗୋବର୍ଦ୍ଧନ ବାଗ, ସାମାଜିକ କର୍ମୀ ମଧୁ ମହାନ୍ତି ଓ ଅନ୍ୟ ଚାଷୀ ନେତାମାନେ ଉପସ୍ଥିତ ରହି ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ବକ୍ତାମାନେ ଅଭିଯୋଗ କରିଥିଲେ ଯେ ପୂର୍ବ ବିଜେଡି ସରକାର ସମୟରେ ଚାଷୀମାନେ ସୁରୁଖୁରୁରେ ପାଣି ଓ ଧାନ ବିକ୍ରୟ ସୁବିଧା ପାଉଥିଲେ, ମାତ୍ର ବର୍ତ୍ତମାନ ପ୍ରାୟ ୧୫ ହଜାର ଚାଷୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଇଛି।

ଚାଷୀଙ୍କ ଏହି ରାସ୍ତା ଅବରୋଧ ଯୋଗୁଁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି ଏବଂ ଦୋକାନ ବଜାର ତଥା ସରକାରୀ-ବେସରକାରୀ ଅନୁଷ୍ଠାନ ବନ୍ଦ ରହିଛି। ଏହି ଆନ୍ଦୋଳନକୁ ବିର୍ସା ଫୁଲେ ଆମ୍ବେଦକର ସଂଗଠନ, ରାଜମିସ୍ତ୍ରୀ ସଂଘ, ଡ୍ରାଇଭର ସଂଘ, ସେଡୁଲ କାଷ୍ଟ ଫେଡେରେସନ୍, ଆଦିବାସୀ ସଂଘ ଓ ବିଭିନ୍ନ ମହିଳା ସଂଗଠନ ସମର୍ଥନ ଜଣାଇଛନ୍ତି। ଦୀର୍ଘ ସମୟ ଧରି ଧର୍ମଘଟ ଚାଲିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ କୃଷକ ସଂଘ ପକ୍ଷରୁ ପ୍ରତ୍ୟେକ ଦିନ ଦୁଇଟି ଲେଖାଏଁ ପଞ୍ଚାୟତର ଚାଷୀ ରାଜରାସ୍ତାକୁ ଓହ୍ଲାଇ ଅନିର୍ଦ୍ଦିଷ୍ଟ କାଳଯାଏଁ ଆନ୍ଦୋଳନ ଜାରି ରଖିବେ ବୋଲି ଚେତାବନୀ ଦିଆଯାଇଛି।

# ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ବି.କେ.ନଥମଲ



**କଟକ,୮।୫/ଏନ୍‌ଏନ୍‌ଏସ୍:** ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଷ୍ଟ୍ରୀୟ ସଂଯୋଜକ ଡ଼ା. ବି.କେ.ନଥମଲ ଆଜି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହସାକ୍ଷାତ କରିଛନ୍ତି। ବ୍ରହ୍ମାକୁମାରୀଙ୍କ ଆଧ୍ୟାତ୍ମିକ ଓ ମୂଲ୍ୟବୋଧ ବିଷୟରେ ସେ ରାଷ୍ଟ୍ରପତିଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଏହି ସାକ୍ଷାତକାର ବିଶ୍ୱ ଶାନ୍ତି, ଆଧ୍ୟାତ୍ମିକତା ଓ ସମାଜ କଲ୍ୟାଣ ତଥା ରାଷ୍ଟ୍ର ଗଠନର ଭାବନାର ପରିପ୍ରକାଶ ଥିଲା ବୋଲି ବି.କେ ନଥମଲ ପ୍ରକାଶ କରିଛନ୍ତି। ଏହି ସାକ୍ଷାତ ବେଳେ ତାଙ୍କ ସହିତ ବି.କେ ମଦନ ଭାଇ ଉପସ୍ଥିତ ଥିଲେ।

# ଓଏମ୍‌ପିରେ ପ୍ଲାଷ୍ଟିକ୍ ସଚେତନତା ଶିବିର



**କଟକ,୮।୫/ଏନ୍‌ଏନ୍‌ଏସ୍:** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଭଏସ୍ ଫର ଭଏସଲେସ୍' ତରଫରୁ ଏକ ପ୍ଲାଷ୍ଟିକ୍ ସଚେତନତା ଶିବିର ଓଏମ୍‌ପି ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନେକ ଛାତ୍ରଛାତ୍ରୀ ଯୋଗଦେଇ ବଟୋଇମାନଙ୍କୁ କପଡ଼ା ବ୍ୟାଗ୍ ବଣ୍ଟନ କରି ପ୍ଲାଷ୍ଟିକ୍ ବ୍ୟାଗ ବର୍ଜନ କରିବାକୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ଦ୍ୱୀପାୟନ ପଟ୍ଟନାୟକ, ସମ୍ପାଦକ ଡ଼କ୍ଟର ବିଭୁଦତ୍ତ ଖଣ୍ଡାୟତ ରାୟ, ଦେବେସ ରଞ୍ଜନ ଚଇନ୍, ଆଫ୍ରିନ୍ ପରିବିନ, ଅରବଳା ନାୟକ, ସୋମ୍ୟା ଦାସ, ତନ୍ମୟ ସାହୁ, ସେନାଲି ନାୟକ, ତସଲିମା ଦଳାଇ, ସୀମା ରାଉତ, ଅଙ୍କିତା ଆଚାର୍ଯ୍ୟ, ଝରଣା ସାହୁ, ଏସ.କେ ନଦିମ୍, ମନୋଜ ହେମ୍ବ୍ରମ, ସୋନାଲି ସାମଲ, ସୁମନ୍ତ ନାୟକ, ରୁଦ୍ର ନାରାୟଣ ସାହୁ, ସେକ୍ ଅସରଫ ବକ୍ସ, ଶୁଭମ ଶକ୍ତି ଦଳେଇ, ଅର୍ଜୁନ ମୁଖୀ, ଲକ୍ଷ୍ମୀପ୍ରିୟା ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ସୁଜୟଦୀପ ବାର ଓ ସ୍ମରଣିକା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ବିଜେଡିର ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**କଟକ,୮।୫/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ନବ ନିଯୁକ୍ତ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ମହିଳା ସଭାନେତ୍ରୀ, ଯୁବ ବିଜେଡି ସଭାପତି, ଛାତ୍ର ବିଜେଡ଼ି ସଭାପତି ଓ କଟକ ଜିଲ୍ଲାର ସମସ୍ତ ବ୍ଲକ ସଭାପତିଙ୍କ ଉଦ୍ଦେଶ୍ୟରେ ଦୋଳମୁଣ୍ଡାଇ ସ୍ଥିତ କାର୍ଯ୍ୟାଳୟ ଠାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ଜନତା ଦଳ ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା ଯୋଗଦେଇ କହିଥିଲେ ଯେ ବିଜେପିର ଦୁଇ ବର୍ଷ ଶାସନରେ ଓଡ଼ିଶାବାସୀ ଅଣନିଃଶ୍ୱାସୀ ହୋଇଗଲେଣି। ବିଜୁ ଜନତା ଦଳ ସଦାସର୍ବଦା ଓଡ଼ିଶାର ନ୍ୟାୟ ଓ ହକ୍ ପାଇଁ ଲଢ଼େଇ କରିଆସୁଛି। ଓଡ଼ିଶାର ସ୍ୱାର୍ଥ ପାଇଁ ଆଗାମୀ ଦିନରେ ତୃଣମୂଳସ୍ତରରୁ ଲଢ଼େଇ ଜୋରଦାର ହେବ ବୋଲି ଶ୍ରୀ ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଶିଶିର ପରିଜା, ରାଜ୍ୟ ସମ୍ପାଦକ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଚିରଞ୍ଜୟ ସାହୁ,ସୌମିତ ମିତ୍ର, କଟକ ଜିଲ୍ଲା ମହିଳା ବିଜେଡି ସଭାପତି ଅନିତା ବେହେରା, ଜିଲ୍ଲା ଯୁବ ବିଜେଡି ସଭାପତି ସ୍ମୃତି ରଞ୍ଜନ ନାୟକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁମନ ବେହେରା, ଜ୍ୟୋତିରେଖା ନାୟକ, ରାଜକୁମାରୀ ସ୍ୱାଇଁ, ଆକାଶୀ ସୁନିତା ଶେଖର, ସୂର୍ଯ୍ୟମଣି ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି, ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ସିଂହ, ପ୍ରଫୁଲ୍ଲ ବେହେରା, ଜୟଦେବ ଜେନା, ରାଜେନ୍ଦ୍ର ରଣା, ନିମାଇଁ ବିଶ୍ୱାଳ, ରେଣୁକା ମହାନ୍ତି, ବନଲତା ପ୍ରଧାନ, ମିତାଲି ଭଞ୍ଜ, ବାସନ୍ତୀ ରାଉତ, ଜନସନ ମହାପାତ୍ର, ସେକ ରିୟାଜୁଲ୍ଲା, ଅବଦୁଲ କରିମ, ଯୁଧିଷ୍ଠିର ବିଶ୍ୱାଳ, ବ୍ଲକ ସଭାପତି ରବୀନ୍ଦ୍ର ସାହୁ, ଧୀରେନ୍ଦ୍ର ଜେଠୀ, ନାରାୟଣ ନାୟକ, ଗଗନ ବିହାରୀ ଜେନା, ଅତୁଲ୍ୟ ଜେନା, ଅନନ୍ତ ଚରଣ ପ୍ରଧାନ, ପ୍ରତାପ ନାୟକ,ଏସ. କ୍ରିଷ୍ଣା ରାଓ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ରେଡ୍‌କ୍ରସ୍ ଦିବସ

# ପାଣ୍ଠି ବୃଦ୍ଧି ସହ ସଦୁପଯୋଗ ଉପରେ ଗୁରୁତ୍ୱ




**କଟକ,୮।୫/ଏନ୍‌ଏନ୍‌ଏସ୍:** ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, କଟକ ଶାଖା ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ଏବଂ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁଇଜରଲାଣ୍ଡର ଖ୍ୟାତନାମା ଚିକିତ୍ସକ ତଥା ରେଡକ୍ରସର ପ୍ରତିଷ୍ଠାତା ସାର ଜନ ହେନେରୀ ଡୁନାଙ୍କ ଜନ୍ମଦିବସରେ ପ୍ରତ୍ୟେକ ବର୍ଷ ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଉଛି। ଆଜିର ଏହି ଦିବସ ପାଳନ ଅବସରରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡ୍‌କ୍ରସ୍‌ର ଭୂମିକା ସମ୍ବନ୍ଧରେ ସୂଚନା ପ୍ରଦାନ କରି କହିଲେ ଯେ, ଏହି ଆଦର୍ଶ ବ୍ୟବସ୍ଥାରେ ଅତି କମ ସମୟରେ ଅଭାବୀ ଲୋକଙ୍କୁ ଚିକିତ୍ସା ଆଦି ଆବଶ୍ୟକତା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ। ଅନେକ ସମୟରେ ଲୋକଙ୍କ ପାଇଁ ଏହି ସହାୟତା ଜୀବନ ରକ୍ଷକ ପ୍ରମାଣିତ ହୋଇଥାଏ। ତେଣୁ ରେଡକ୍ରସ ପାଣ୍ଠି ବୃଦ୍ଧି କରିବା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ। ଏହି ପାଣ୍ଠି ଯଥେଷ୍ଟ ବୃଦ୍ଧି ଘଟିଲେ ଆମେ ଗରିବ ଲୋକଙ୍କୁ ଆବଶ୍ୟକତା ଅନୁଯାୟୀ ସହାୟତା ଯୋଗାଇ ପାରିବା। ଏଥିସହ ରକ୍ତ ସଂଗ୍ରହ ନିମନ୍ତେ ବିଭିନ୍ନ ଶିବିର ଆୟୋଜନ ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ ରେଡକ୍ରସ ସଂଗଠନର ଇତିହାସ ଓ ଭାରତରେ ରେଡ୍‌କ୍ରସ୍ ସୋସାଇଟିର ସମୃଦ୍ଧି ଉପରେ ବିସ୍ତୃତ ବିବରଣୀ ରଖିବା ସହ ରେଡ୍‌କ୍ରସ୍‌ର ପାଣ୍ଠି ବୃଦ୍ଧି ଓ ଏହାର ସଦୁପଯୋଗ ଉପରେ ଜିଲ୍ଲାପାଳଙ୍କ ବିଶେଷ ନିର୍ଦ୍ଦେଶ ଥିବା କହିଥିଲେ। ରେଡ୍‌କ୍ରସ୍ ପାଣ୍ଠି ସଂଗ୍ରହ ନିମନ୍ତେ ନୂତନ ସୁରକ୍ଷା ବ୍ୟବସ୍ଥା ଥିବା ରସିଦ ବହି ଛାପିବା ନିମନ୍ତେ ସେ ପ୍ରସ୍ତାବ ଦେଇଥିଲେ। ଏଥିସହ କ୍ୟୁଆରକୋଡ୍ ମାଧ୍ୟମରେ ମଧ୍ୟ ପାଣ୍ଠି ସଂଗ୍ରହ କରାଯିବା ନିମନ୍ତେ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ସଭାରେ ସ୍ୱାଗତ ଭାଷଣ ଦେଇ ଜିଲ୍ଲା ଜରୁରୀକାଳିନ ଅଧିକାରୀ ତଥା ଡେପୁଟୀ କଲେକ୍ଟର ପୁଷ୍ପଶ୍ରୀ ସାଣ୍ଡିଲ କଟକ ଜିଲ୍ଲା ରେଡ୍‌କ୍ରସ୍ ସୋସାଇଟିର ଆଗାମୀ ଦିନ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ଥିବା କଥା ଜଣାଇଥିଲେ। ସଭାରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ମନସ୍ୱିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କରୁଣାକର ତିୱାରୀ ଜିଲ୍ଲା ଅବକାରୀ ଅଧିକ୍ଷକ, ବିଶ୍ୱଜିତ ଦାସ ଆଞ୍ଚଳିକ ପରିବହନ ଅଧିକାରୀ ଓ ଶ୍ରୀକାନ୍ତ ବେହେରା ସହକାରୀ ଜିଲ୍ଲାପାଳ (ନ୍ୟାୟିକ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ଦାବି

# ବିନା ଥଇଥାନରେ ଉଚ୍ଛେଦ ବନ୍ଦ ହେଉ




**କଟକ,୮।୫/ଏନ୍‌ଏନ୍‌ଏସ୍:** ବସ୍ତିବାସିନ୍ଦା ବିଶେଷ କରି କୃଷକ ବଜାର ବସ୍ତିବାସିନ୍ଦା ଗତ କିଛି ଦିନ ହେବ ବସ୍ତି ଉଚ୍ଛେଦ ଆତଙ୍କ ଭିତରେ ରହିଛନ୍ତି। ଏହି ଆତଙ୍କକୁ ପ୍ରତିହତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରାୟସ ହୋଇନାହିଁ। ବସ୍ତି ବାସିନ୍ଦାଙ୍କ ସାମ୍ବିଧାନିକ ଆନ୍ଦୋଳନ ଫଳରେ ବସ୍ତିବାସିନ୍ଦାଙ୍କ ବିସ୍ଥାପନ ଓ ଥଇଥାନ ପାଇଁ ରାଜ୍ୟରେ ନିର୍ଦ୍ଦିଷ୍ଟ ଆଇନ ପ୍ରଣୀତ ହୋଇଛି କିନ୍ତୁ ଦେଖାଯାଉଛି ନିଜେ ପ୍ରଶାସନ ଆଇନକୁ ସମ୍ମାନ ଦେଉନାହିଁ। ବିନା ନୋଟିସ୍‌ରେ ଗରିବ, ଶ୍ରମଜୀବୀଙ୍କ ବାସ ଅଧିକାରକୁ ଅପହରଣ କରି ତାଙ୍କ ଜୀବନ ଓ ଜୀବିକାର ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଛି। ବସ୍ତି ବାସିନ୍ଦାଙ୍କ ପାଇଁ ହୋଇଥିବା ଆଇନକୁ ଯଦି ସରକାର ଓ ପ୍ରଶାସନ ନମାନିବା ତାହା ଅତ୍ୟନ୍ତ କ୍ଷୋଭର ବିଷୟ। ବସ୍ତି ବାସିନ୍ଦାମାନଙ୍କୁ ବିନା ଜନସ୍ୱାର୍ଥରେ ଏବଂ ବିନା ଥଇଥାନରେ ଉଚ୍ଛେଦ କରିବାରୁ ପ୍ରଶାସନ ଏଥିରୁ କ୍ଷାନ୍ତ ରହିବା ପାଇଁ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପ୍ରତିବାଦ କରାଯାଇ ବସ୍ତି ବାସିନ୍ଦାମାନଙ୍କୁ ବିନା ଥଇଥାନରେ ଉଚ୍ଛେଦ ବନ୍ଦ କରିବା, କର୍ମସ୍ଥଳୀ ନିକଟରେ ଥଇଥାନ କରି ପଟ୍ଟା ଦେବା, ଜାଗା ମିଶନ ଅନୁଯାୟୀ କୃଷକ ବଜାର ବସ୍ତି ବାସିନ୍ଦାଙ୍କୁ ପଟ୍ଟା ଦେବା ପ୍ରମୁଖ ଦାବି ନେଇ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଏହି ଅବସରରେ ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ସୁଜାତା ମହାପାତ୍ର, ରାଧାରାଣୀ ସାହୁ, ସିପ୍ରା ମହାନ୍ତି, ଲିଙ୍ଗରାଜ ବାରିକ, ସୁବାସ ନାୟକ, ପବିତ୍ର ସାହୁ, ବେଙ୍ଗ ନାୟକ, ମାନସୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସୋଫିଆ ଫିର୍‌ଦୋସଙ୍କ ଜନସମ୍ପର୍କ ପଦଯାତ୍ରା



**କଟକ,୮।୫/ଏନ୍‌ଏନ୍‌ଏସ୍:** କଟକ ମହାନଗର ନିଗମ ଅନ୍ତର୍ଗତ ୩୦ ନମ୍ବର ୱାର୍ଡରେ ବିଧାୟିକା ସୋଫିଆ ଫିରଦୋସଙ୍କ ପକ୍ଷରୁ ଏକ ବିଶାଳ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜା ବଗିଚା ଦୁର୍ଗା ମଣ୍ଡପ ସମ୍ମୁଖରୁ ଏହି ପଦଯାତ୍ରା ବାହାରି ତେଲେଙ୍ଗାବଜାରର ବୃନ୍ଦାବତୀ ଛକ, ବଙ୍ଗାଳି ସାହି ଓ ଭଗତପୁର ହନୁମାନ ଛକ ଦେଇ ଗତି କରିଥିଲା। ପରେ ଏହା କୁମ୍ଭାରସାହି ହୋଇ ବାର୍ମି ସାହି ମହାଦେବ ମନ୍ଦିର ନିକଟରେ ପହଞ୍ଚିବା ପରେ ସମାପ୍ତ ହୋଇଥିଲା। ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଏଥିରେ ସାମିଲ ହୋଇ ସ୍ଥାନୀୟ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବିଜୟ କେତନ ନାୟକ, ବିଶ୍ୱରଞ୍ଜନ ଘଡ଼େଇ, ସଚ୍ଚିଦାନନ୍ଦ ଦାସ, ନରୋତ୍ତମ ଦାସ, ଶୈଳେନ ଧଳ, ଭଜି ସାହୁ, କେଦାର ପୃଷ୍ଟି, ପ୍ରଦେଶ ସାମନ୍ତରାୟ, ଗୌରାଙ୍ଗ ବେହେରା, ମୀନା ଡାଲୁଅ, ସମ୍ବିତ୍ ଦାସ, ଗୁଲସନ ନାୟକ, ନନ୍ଦ କିଶୋର ବେହେରା, ବୀରେନ୍ଦ୍ର ଦାସ, ଶରତ ଚନ୍ଦ୍ର ସେଠୀ, ଚନ୍ଦନ ଦାସ, ମିର ମୂଜାଫର୍ ଅଲ୍ଲୀ ଓ ସ୍ମିତା ସେନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପଦଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# ୧୧ରେ ସାଲେପୁରରେ ଜିଲ୍ଲାପାଳଙ୍କ ଜନଶୁଣାଣି

## ସକାଳ ୭ଟାରୁ ପୂର୍ବାହ୍ନ ୧୦ପର୍ଯ୍ୟନ୍ତ ଚାଲିବ

**କଟକ,୮।୫/ଏନ୍‌ଏନ୍‌ଏସ୍:** ଆସନ୍ତା ୧୧ ତାରିଖ ସାଲେପୁର ବ୍ଲକଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟା ସମୟରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡ଼ିକ ମଧ୍ୟ ସକାଳ ୭ଘଟିକାଠାରୁ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ବାରବାଟୀ ଫୁଡ୍ କୋର୍ଟ ଦୋକାନ ଆବଣ୍ଟନ



**କଟକ,୮।୫/ଏନ୍‌ଏନ୍‌ଏସ୍:** ବାରବାଟୀ ଫୁଡ୍ କୋର୍ଟର ବାକିଥିବା ୩୦ଟି ଦୋକାନ ଦ୍ୱିତୀୟ ପର୍ଯ୍ୟାୟ ଆବଣ୍ଟନ ପାଇଁ ଗତ ମାସରେ ଟେଣ୍ଡର ଡକାଯାଇଥିଲା। ହଜାର ହଜାର ଆବେଦନ ହୋଇଥିଲା। ତେବେ ଆବଶ୍ୟକ ଦଲିଲ୍ ଅଭାବରୁ ୨୪୬ ଜଣଙ୍କ ଆବେଦନ ପତ୍ରକୁ ବୈଧ ଭାବେ ଗ୍ରହଣ କରାଯାଇ ଆଜି ସହିଦଭବନ ଠାରେ ଲଟେରୀ ଜରିଆରେ କ୍ୟାଟାଗୋରୀ 'ଏ' ପାଇଁ ଦୁଇଟି ଓ କ୍ୟାଟାଗୋରୀ 'ବି' ପାଇଁ ୨୮ ଜଣଙ୍କୁ ଯୋଗ୍ୟ ଘୋଷଣା କରାଯାଇଛି। ଖୁବ୍ ଶୀଘ୍ର ସିଏମସି ସେମାନଙ୍କୁ ଏଗୁଡ଼ିକ ଆବଣ୍ଟନ କରିବ ବୋଲି ସିଏମସି ଆୟୁକ୍ତ କହିଛନ୍ତି। ବାକି ଆଠଟି ଦୋକାନ ଘର ଆବଣ୍ଟନ ନେଇ ହାଇକୋର୍ଟଙ୍କ ବିଚାରାଧୀନ ଥିବାରୁ ପରବର୍ତ୍ତୀ ଶୁଣାଣୀ ପରେ ଏଗୁଡ଼ିକ ପାଇଁ ସ୍ୱତନ୍ତ୍ର ଲଟେରୀ କରାଯିବ ବୋଲି ମେୟର ସୁବାସ ସିଂ କହିଛନ୍ତି। ଆଜିର ଏହି ଆବଣ୍ଟନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ଅବସରପ୍ରାପ୍ତ ଜିଲ୍ଲ ଜଜ୍ ବୈସମ୍ପାୟନ କର, ଭାସ୍କରଚନ୍ଦ୍ର ସାହୁ ଓ ସିଏମସି ଆୟୁକ୍ତ କିରନଦୀପ୍ କୌର୍ ସୋହାତା ଉପସ୍ଥିତ ରହି ସମସ୍ତ ଲଟେରୀ ପ୍ରକ୍ରିୟାକୁ ତଦାରଖ କରିଥିଲେ।

# ଲିଫ୍ଟରୁ ଖସି ଶ୍ରମିକ ମୃତ

**କଟକ,୮।୫/ଏନ୍‌ଏନ୍‌ଏସ୍:** ବୋର୍ଡ଼ ଅଫ ରେଭିନ୍ୟୁର ନୂଆ ନିର୍ମାଣଧୀନ ବିଲ୍ଡିଂ ଲିଫ୍ଟ କାମରେ ନିୟୋଜିତ ଜଣେ ଶ୍ରମିକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଶ୍ରମିକ ଜଣକ ଛାତ ଉପରେ ଥାଇ କାମ କରୁଥିଲାବେଳେ ଖସିପଡ଼ିଥିଲେ। ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ କଟକ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଯାଏ ନିର୍ମାଣ ଓ କଠିନ ଶ୍ରମଭିତିକ କାର୍ଯ୍ୟ ବନ୍ଦ ରହିଛି। ଏହି ସମୟରେ ନିୟମ ଭାଙ୍ଗି ବିନା ସୁରକ୍ଷା ଉପକରଣରେ କିପରି ହାଇକୋର୍ଟ ନିକଟରେ ନିର୍ମାଣ କାର୍ଯ୍ୟ ଚାଲୁଥିଲା ତାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି। ଏହି ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବିରୁରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# 'ରାଜସ୍ୱ ବିଭାଗକୁ ଦଲାଲ୍‌ମୁକ୍ତ କରାଯିବ'



**କଟକ,୮।୫/ଏନ୍‌ଏନ୍‌ଏସ୍:** ରାଜସ୍ୱ ବିଭାଗକୁ ସଂପୂର୍ଣ୍ଣ ଦଲାଲ ମୁକ୍ତ କରାଯିବ। ବିଭିନ୍ନ ଅଦାଲତରେ ବିଚାରଧୀନ ଥିବା ରାଜସ୍ୱ ମାମଲାଗୁଡ଼ିକ ଯଥାଶିଘ୍ର ସମାଧାନ କରାଯିବ। ରାଜ୍ୟରେ ବିଭିନ୍ନ ଅଦାଲତରେ ଲକ୍ଷାଧିକ ରାଜସ୍ୱ ମାମଲା ବିଚାରଧୀନ ରହିଛି। ଏଥିମଧ୍ୟରୁ ୨୬ହଜାରରୁ ଅଧିକ ମାମଲା ବିଚାର ଶେଷ ହୋଇ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରାଯାଇଛି। ଅବଶିଷ୍ଟ ମାମଲାଗୁଡ଼ିକ ତୁରନ୍ତ ଫୈସଲା ପାଇଁ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଶତ ପ୍ରତିଶତ ରାଜସ୍ୱ ମାମଲାରେ ନ୍ୟାୟ ପ୍ରଦାନ କରାଯିବ। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଜଟିଳ ମାମଲାଗୁଡ଼ିକ ଯଥାଶିଘ୍ର ଫୈସଲା କରାଯାଇ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ। ରାଜ୍ୟ ସରକାର ଏଥିପାଇଁ ସଂକଳ୍ପ ବଦ୍ଧ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ରାଜସ୍ୱ ପରିଷଦରେ ଏକ ସମୀକ୍ଷା ବୈଠକରେ ପ୍ରକାଶ କରିଛନ୍ତି। ଏଥିରେ ରାଜସ୍ୱ ସଚିବ ଅରବିନ୍ଦ ପାଢ଼ୀ, ବୋର୍ଡ଼ ଅଫ ରେଭିନ୍ୟୁ ସଦସ୍ୟ ସତ୍ୟବ୍ରତ ସାହୁ, କଟକ ଜିଲ୍ଲାପାଳ ଦତାତ୍ରେୟ ଭାଓସାହେବ ସିନ୍ଧେ ଓ ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ।

# ଅଧ୍ୟାପକ, କର୍ମଚାରୀ ପଦବୀ ପୂରଣ ଦାବି

**କଟକ,୮।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଥିବା ୧୭ଟି ବିଶ୍ୱବିଦ୍ୟାଳୟ ଏବଂ ୫୦ ସରକାରୀ କଲେଜ, ୪୮୮, ୬୬୨ ବର୍ଗ କଲେଜମାନଙ୍କରେ ଦୀର୍ଘ ଦିନ ହେବ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଧ୍ୟାପକ, କର୍ମଚାରୀ ପଦବୀ ଖାଲି ପଡ଼ିଛି। ଯାହା ଫଳରେ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରିବାକୁ ଆଜି ଏଆଇଏସ୍‌ଇସି ପକ୍ଷରୁ କଟକ ଗାନ୍ଧିଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ ଦାବି କରାଯାଇଛି। ଏଆଇଏସ୍‌ଇସିର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ଉପସ୍ଥିତିରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଆଇଏସ୍‌ଇସି ରାଜ୍ୟ ଉପସଭାପତି ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ମ୍ମା, ରାଜ୍ୟ ସଂପାଦକ ସୁବାସ ନାୟକ, ଅଫିସ୍ ସଂପାଦିକା ବବି ବଳବନ୍ତରାୟ, ଅକ୍ଷୟ ରାଉଳ, ବିନୋଦ ସେଠୀ ପ୍ରମୁଖ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଭିଭାବକ, ଛାତ୍ର ଯୋଗ ଦେଇଥିଲେ। ସଂଗଠନ ପକ୍ଷରୁ କୁହାଯାଇଛି ଯେ ଦୀର୍ଘ ବର୍ଷ ଧରି ବିଶ୍ୱବିଦ୍ୟାଳୟମାନଙ୍କରେ ୧୪୩୪ ଅଧ୍ୟାପକ ପଦବୀ ବହୁ ଦିନରୁ ଖାଲି ପଡ଼ିଛି ଏବଂ ବହୁ ଦାବି ଫଳରେ ଇତ୍ୟବସରରେ ବ୍ରହ୍ମପୁର, ଭିଡି, ଡିଡି, ରମାଦେବୀ, ଫକୀର ମୋହନ, ଉତ୍କଳ ଇତ୍ୟାଦି କିଛି ବିଶ୍ୱବିଦ୍ୟାଳୟ ପଦବୀଗୁଡିକୁ ପୂରଣ କରିବାକୁ ବିଜ୍ଞାପନ ବାହାର କରାଯାଇଛି। ମାତ୍ର ଅନ୍ୟ ବିଶ୍ୱବିଦ୍ୟାଳୟ ପାଇଁ ଏପର୍ଯ୍ୟନ୍ତ ସୁଦ୍ଧା ବିଜ୍ଞାପନ ବି ବାହାର କରି ନାହାଁନ୍ତି। ଏପରିକି ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଖାଲି ପଡ଼ିଥିବା ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ କର୍ମଚାରୀ ପଦବୀ ପୂରଣ କରିବାକୁ ସରକାର ନାଁ ବି ଧରୁନାହାଁନ୍ତି। ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ସରକାର କେବଳ ବିଜ୍ଞାପନରେ ସୀମିତ ନରହି ଛାତ୍ରଛାତ୍ରୀମାନଙ୍କ ଏବଂ ଶିକ୍ଷାର ଭବିଷ୍ୟତକୁ ଦୃଷ୍ଟିରେ ରଖି ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରିବାକୁ ଦାବି କରାଯାଇଛି।





